ଧରିତ୍ରୀ
DHARITRI
August 4-10, 2024 ₹2/-

ଧରିତ୍ରୀ 50 Years

# ଛୁଟିଦିନ



# ବନ୍ଧୁ ପାଇଁ

ବିପଦ ବେଳେ ଯିଏ ଆଗପଛ ନ ଭାବି ବନ୍ଧୁ ପାଇଁ ନିଜ ଜୀବନକୁ ବାଜି ଲଗାଇଦିଏ, ଅସମ୍ଭବକୁ ସମ୍ଭବ କରିଦିଏ ସେ ହିଁ ପ୍ରକୃତ ବନ୍ଧୁ । ସେମିତି କେତେଜଣ ବନ୍ଧୁଙ୍କ କଥା...

ପ୍ରଚ୍ଛଦ ପ୍ରସଙ୍ଗ
୩



# ପର୍ସରେ କେଉଁ ଜିନିଷ ରଖିବେନି

**ଜାଣତରେ ହେଉ ଅବା ଅଜାଣତରେ ଆମେ ପର୍ସ ଭିତରେ ଏମିତି କିଛି ଜିନିଷ ରଖି ଦେଇଥାଉ ; ଯାହାର ନକାରାତ୍ମକ ପ୍ରଭାବ ଦ୍ୱାରା ପ୍ରାୟତଃ ଟଙ୍କା ପଇସାର ଅଭାବ ଦେଖାଦେଇଥାଏ। ଯେମିତି କି:**

✲ ପର୍ସରେ କେବେ ବି ପୁରୁଣା ବିଲ୍ କିମ୍ବା ରସିଦ୍ ଅଥବା କୌଣସି ଅଦରକାରୀ ଜିନିଷ ରଖିବା ଠିକ୍ ନୁହେଁ। ପର୍ସରେ ଅଯଥା ଏମିତି କାଗଜ ମେଞ୍ଚାଏ ରଖିଲେ କୁଆଡ଼େ ରାହୁ ଦୋଷ ଲାଗିଥାଏ ; ଯଦ୍ଦ୍ୱାରା ଅଯଥା ଖର୍ଚ୍ଚ ବଢ଼ି ଧନହାନି ହେବାର ଆଶଙ୍କା ଥାଏ।

✲ ସ୍ୱର୍ଗବାସୀ ପ୍ରିୟଜନଙ୍କୁ ସମ୍ମାନ



ଦେବା ଭଲ। ହେଲେ ସେମାନଙ୍କ ଫଟୋ ପର୍ସରେ ରଖିବା ଠିକ୍ ନୁହେଁ। ବରଂ ତାଙ୍କ ଫଟୋକୁ ଘରର ଦକ୍ଷିଣ ପଟ କାନ୍ଥରେ ଲଗାଇ ପୂଜା କରିବେ। କାରଣ ପର୍ସରେ ରଖିଲେ ବାସ୍ତୁଦୋଷ ଲାଗି ଅର୍ଥାଭାବ ଦେଖାଯାଇଥାଏ।

✲ ସେହିପରି ପର୍ସରେ ଠାକୁରଙ୍କ ଫଟୋ ରଖିବା ବି ଠିକ୍ ନୁହେଁ। ଠାକୁରଙ୍କ ଫଟୋକୁ ସମ୍ମାନର ସହ ଠାକୁର ଘରେ ରଖି ପୂଜା କଲେ ଆଶୀର୍ବାଦ ମିଳେ।

✲ ପର୍ସରେ କୌଣସି ଧାରୁଆ ଜିନିଷ, ପିନ୍ ଆଦି ରଖିବା ବି ମହାଲକ୍ଷ୍ମୀଙ୍କୁ ଆଦୌ ପସନ୍ଦ ନୁହେଁ। ଏହା ମଧ୍ୟ ଅର୍ଥାଭାବକୁ ଡାକି ଆଣିଥାଏ।

✲ ପୁରୁଣା, ଚିରି ଯାଇଥିବା ନୋଟ୍‌କୁ ମଧ୍ୟ ବେଶି ଦିନ ପର୍ସରେ ରଖିବା ଆବଶ୍ୟକ ନୁହେଁ। ଏହା ବି ଦାରିଦ୍ର୍ୟତାକୁ ଡାକି ଆଣେ।

✲ କେବଳ ସେତିକି ନୁହେଁ, ପର୍ସରେ କେବେ ବି ମୋଡି ମାଡିକି ଟଙ୍କା ରଖିବା ଠିକ୍ ନୁହେଁ। ଏହା ବାସ୍ତୁଦୋଷକୁ ଡାକିଆଣେ ; ଫଳରେ ଟଙ୍କାର ଅଭାବ ଦେଖାଦିଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୪-୧୦

**ମେଷ:** ଦୃଢ ନିଷ୍ପତି ନେବେ, ଦ୍ୱନ୍ଦ୍ୱର ଅବସାନ ଘଟିବ, ସୁସ୍ଥତା ଫେରି ପାଇବେ, ଶତ୍ରୁ ଲାଗି ରହିବେ, ସ୍ଥଗିତ କାମ ପୂରା କରିବେ, ପ୍ରତିକୂଳ ପରିସ୍ଥିତି ଆସିବ, ମୂଲ୍ୟବାନ ଦ୍ରବ୍ୟ କିଣିବେ, ଭାଇ ସହ ମନାନ୍ତର, ଘରକୁ କୁଣିଆ ଆସିବେ, ବକେୟା ଟଙ୍କା ମିଳିବ ॥

**ବୃଷ:** ମନୋବଳ ବୃଦ୍ଧି, କାର୍ଯ୍ୟସାଧନରେ ତତ୍ପରତା, ନୂତନ ପ୍ରକଳ୍ପାରମ୍ଭ, କଳାପ୍ରିୟ ହୋଇପାରନ୍ତି, ସ୍ଥିର ସିଦ୍ଧାନ୍ତ ନେବେ, ରାଜନୀତିରେ ଦ୍ୱନ୍ଦ୍ୱ, ଲେଖାପଢାରେ ଆଗ୍ରହ, ଲକ୍ଷ୍ୟ ହାସଲ କରିବେ , ଦୁଃସାହସିକ କାମରେ ନିବୃତ ॥

**ମିଥୁନ:** ଗଠନମୂଳକ କାର୍ଯ୍ୟାରମ୍ଭ, କର୍ମକ୍ଷେତ୍ରରେ ନେତୃତ୍ୱ, ଶାରୀରିକ ପୀଡା, ସଭାସମିତିକୁ ନିମନ୍ତ୍ରଣ, ବସ୍ତ୍ରଭୂଷଣପ୍ରାପ୍ତି, ତିର୍ଥାଟନର ସୁଯୋଗ, ବ୍ୟବସାୟିକ ଉତ୍କର୍ଷତା, ପାରିବାରିକ ସୌଖ୍ୟ ॥

**କର୍କଟ:** ଅନୁତାପ କରିବେ, କାମଟି ବିଳମ୍ବରେ ହେବ, ଦୂରଯାତ୍ରାର ଯୋଜନା, ପ୍ରଶାସନିକ ଅସ୍ଥିରତା, କାଶଜନିତ ପୀଡା, ପାରିବାରିକ ଦ୍ୱନ୍ଦ୍ୱ, ସନ୍ତାନ ବିଶୃଙ୍ଖଳିତ ହେବେ, ସ୍ଥିରତା ଫେରି ଆସିବ ॥

**ସିଂହ:** ଅସାବଧାନତାରୁ ସମସ୍ୟା, ଦ୍ରବ୍ୟ ନଷ୍ଟର କ୍ଷୋଭ, ଭାବପ୍ରବଣ ହେବେ, ଆଶଙ୍କା ଦୂର ହେବ, ଅଭିଯୋଗ ଆସିପାରେ, ଅବସାଦ ବଢିବ, ନିଜ ପରିସରରେ ପ୍ରତିଷ୍ଠା, ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବେ, ଯୁକ୍ତିତର୍କ କରନ୍ତୁ ନାହିଁ॥

**କନ୍ୟା:** ଚେଷ୍ଟା ଅବ୍ୟାହତ ରଖନ୍ତୁ, ସମସ୍ୟାର ସମାଧାନ, ବାଣିଜ୍ୟରେ ଉନ୍ନତି, ବିଳାସର ପ୍ରାଚୁର୍ଯ୍ୟ, ନିର୍ମାଣରେ ଦ୍ୱନ୍ଦ୍ୱ, ସମ୍ପର୍କୀୟଙ୍କ ପରାମର୍ଶ, ଦୁଃଶ୍ଚିନ୍ତା ଆସିବ, ଅବହେଳାରୁ ସ୍ୱାସ୍ଥ୍ୟହାନୀ, ଶୁଭଖବର ପାଇବେ, କ୍ରୀଡାରେ ସଫଳତା, ଧର୍ମକାର୍ଯ୍ୟ କରିବେ ॥

**ତୁଳା:** ଶାରୀରିକ ସୁସ୍ଥତା, ଅର୍ଥ ସଂକଟରୁ ମନସ୍ତାପ, ହଇରାଣରେ ପଡିପାରନ୍ତି, ଭ୍ରାତୃସମ୍ପର୍କ ବୃଦ୍ଧି, ବିବାଦୀୟ ଘଟଣାର ଅବସାନ,ଏଜେନ୍ସିପ ବଢିବ, ଆର୍ଥିକ ଅଭିବୃଦ୍ଧି, ଯାତ୍ରାରେ ସଫଳତା, ସୁସ୍ଥତା ବ୍ୟାହତ ହୋଇପାରେ, ପଦୋନ୍ନତିର ସୂଚନା ॥

**ବିଛା:** ମାନସିକ ଅବସାଦ, ଅପଦସ୍ତ ହୋଇପାରନ୍ତି, କାମଟି ଶେଷ କରିପାରିବେନି, ପ୍ରତିବନ୍ଧକ ଆସିପାରେ, ପଦମର୍ଯ୍ୟାଦା ବୃଦ୍ଧି, ରିସ୍କ ପଦକ୍ଷେପ ନେବେ, ଆବଦ୍ଧରୁ ମୁକ୍ତି, ମାମଲାର ଶୁଣାଣି ହେବ , ଟେନସନ୍ କମିଯିବ ॥

**ଧନୁ:** ବନ୍ଧୁଙ୍କ ପରାମର୍ଶ, ମାନସିକ ସାନ୍ତ୍ୱନା, ତିର୍ଥାଟନର ସୁଯୋଗ, ପରିସ୍ଥିତିକୁ ସଜାଡି ନେବେ, ସମସ୍ୟାର ମୁକାବିଲା, ବକେୟା ଟଙ୍କା ପାଇବେ, ଦ୍ରବ୍ୟ ଲାଭରୁ ଆନନ୍ଦ, ସମାଲୋଚିତ ହୋଇପାରନ୍ତି, ପ୍ରାପ୍ୟଧନରେ ବାଧା, ଭ୍ରମଣ ସୁଯୋଗ ଜୁଟିବ, ରୋଗପୀଡା କମିବ ॥

**ମକର:** ସମସ୍ୟା ସମାଧାନ, ପରାଶ୍ରୟତାରୁ ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡୋଶୀଙ୍କ ସହାନୁଭୂତି, ଶୁଭଖବର ପାଇବେ, ପାରିବାରିକ ସଦ୍ଭାବ, ସାମୟିକ ବାଧା, ବିଚଳିତ ବୋଧ କରିବେ, ବ୍ୟବସାୟରେ ଶିଥିଳତା, ବନ୍ଧୁ କଥାରେ ପ୍ରଭାବିତ ହେବେ, ଭୁଲ କାମ କରିପାରନ୍ତି ॥

**କୁମ୍ଭ:** ହାତ ଖାଲି ରହିବ, ଆଘାତ ଲାଗିପାରେ, ରକ୍ତଚାପ ବଢ଼ିପାରେ, ବିରୋଧୀ ସକ୍ରିୟ ହେବେ, ଜିଦ୍‌ରୁ ଅନର୍ଥ, ନୂତନ ମିତ୍ରତା, ନୂତନ ଯୋଜନାରମ୍ଭ, କୃତକାର୍ଯ୍ୟ ହେବେ, ଦ୍ୱନ୍ଦ୍ୱର ଅବସାନ, ଆଶା ଫଳବତୀ ହେବ, ଦୈହିକ ଦୁର୍ବଳତା ॥

**ମୀନ:** କାର୍ଯ୍ୟ ସାଧନରେ ବ୍ୟତିକ୍ରମ, ମନରେ ବିରକ୍ତିଭାବ ଆସିବ, ଭ୍ରମଣ ସୁଯୋଗ ଜୁଟିବ, ସାଂସ୍କୃତିକ କାମର ଆଲୋଚନା, ବନ୍ଧୁମିଳନରୁ ଆନନ୍ଦ, ସମସ୍ୟାର ସମାଧାନ, ପ୍ରକାଶନରେ ସଫଳତା, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ସୀମା ବିବାଦ ଦେଖାଦେବ, ଉଚ୍ଚଶିକ୍ଷାରେ ସଫଳତା ।

# ସୌଭାଗ୍ୟ ଆଣେ ତୁଳସୀ



ତୁଳସୀ ଗଛ ଏକ ପବିତ୍ର ଗଛ। ହିନ୍ଦୁ ଧର୍ମରେ ଏହାର ମାହାତ୍ମ୍ୟତା ବେଶ୍ ଉଚ୍ଚରେ ରହିଛି। ସେଥିପାଇଁ ପ୍ରତ୍ୟେକ ହିନ୍ଦୁଙ୍କ ଘରେ ତୁଳସୀ ଚଉରାଟିଏ ଥିବା ଦେଖିବାକୁ ମିଳେ। ତୁଳସୀ ଚଉରା ଏବଂ ଏହାର ଆଖପାଖ ଅଞ୍ଚଳକୁ ଯେତେ ସଫାସୁତୁରା ରଖିବେ ସେତେ ଭଲ ; ନଚେତ୍ ଏହାର ଅନେକ କୁ-ପ୍ରଭାବ ପରିବାର ଉପରେ ପଡ଼ିଥାଏ। କୁହାଯାଏ, ହଠାତ୍ ତୁଳସୀ ଗଛ ଶୁଖିଗଲେ କିମ୍ବା ଝାଉଁଳିବାକୁ ଲାଗିଲେ, ଏହାର ଏକ କାରଣ ଅଶୁଦ୍ଧତା ମଧ୍ୟ ହୋଇଥାଏ। ତେଣୁ ପ୍ରତିଦିନ ତୁଳସୀ ଗଛ ଥିବା ସ୍ଥାନକୁ ପରିଷ୍କାର କରିବା ଆବଶ୍ୟକ। ସେହିପରି ତୁଳସୀ ଗଛ ଲାଗିଥିବା କୁଣ୍ଡଆରେ ଅନ୍ୟ କୌଣସି ଗଛ ଲଗାଇବେ ନାହିଁ। ଏହାଦ୍ୱାରା ତୁଳସୀ ଗଛ ବଢିବାରେ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷେ କୁହାଯାଏ, ଜଳ ସହିତ କ୍ଷୀର ମିଶାଇ ତୁଳସୀ ଚଉରାରେ ଦେଲେ ତୁଳସୀ ଗଛ ଭଲ ବଢ଼ିବା ସହ ସବୁଜ ଶ୍ୟାମଳ ହୋଇଥାଏ। ସେହିପରି ସନ୍ଧ୍ୟାବେଳେ ତୁଳସୀ ଚଉରା ପାଖରେ ଜଳାଯାଉଥିବା ଦୀପ ଲିଭିଗଲା ପରେ ସେଠାରୁ ସଙ୍ଗେସଙ୍ଗେ ନେଇଆସିବା ଦରକାର, ନଚେତ୍ ଏହା ନକାରାତ୍ମକ ଉର୍ଜା ଉତ୍ପନ୍ନ କରିଥାଏ। ଚୁଟିକୁ ବାନ୍ଧିକି ଓ ମଥାରେ ସିନ୍ଦୂର ଲଗାଇ ଚଉରାରେ ଜଳ ଦେବା ଶୁଭ ହୋଇଥାଏ। ଖୋଲା ଚୁଟିରେ କିମ୍ବା ଓଦା ଚୁଟିରେ ଜଳ ପ୍ରଦାନ କଲେ ହୁଏତ ଚୁଟି ଛିଡିକି କିମ୍ବା ଚୁଟିରୁ ବୋହୁଥିବା ଜଳ ଚଉରା ଉପରେ ପଡ଼ିଯାଇପାରେ ; ଯାହାକି ଆଦୌ ଶୁଭଙ୍କର ନୁହେଁ।

# ପାଠକୀୟ

✲ ୧୯୯୯ ମସିହା ମେ ମାସରେ ପାକିସ୍ତାନୀ ସୈନ୍ୟ କାରଗିଲ୍ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଂଘନକରି ଅକ୍ତିଆର କରିଥିଲେ। ଅହରହ ଗୁଳିବର୍ଷାକରି ଭାରତୀୟ ବୀର ଯବାନମାନେ ଶତ୍ରୁଙ୍କୁ ପରାସ୍ତକରି ଭାରତମାତାର ମଥାରେ ପିନ୍ଧାଇଥିଲେ ବିଜୟ ତିଳକ। ୨୬ ଜୁଲାଇ କାରଗିଲ୍ ବିଜୟ ଦିବସ ଅବସରରେ ଏହି ଯୁଦ୍ଧରୁ ସୁରକ୍ଷିତ ଭାବେ ଫେରିଥିବା କେତେଜଣ ବୀରସୈନିକଙ୍କ ଅନୁଭୂତିକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସ୍ମୃତିରେ କାର୍‌ଗିଲ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ଥିଲା। 'ସୁଖ ସମୃଦ୍ଧି ପାଇଁ ବାସ୍ତୁ', 'ଶଙ୍ଖର ବାସ୍ତୁ ଉପଚାର' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଯାଜ୍ଞସେନୀ ସାହୁ, ଭବାନୀପାଟଣା*

✲ ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ସ୍ମୃତିରେ କାର୍‌ଗିଲ' ଶୀର୍ଷକ ଆଲେଖ୍ୟଟି ବେଶ୍ ନିଆରା ଥିଲା ପଢ଼ିବାକୁ। 'ନିଆରା ବେଡ୍' ଶୀର୍ଷକ ପାଠଟି ବି ଆଶ୍ଚର୍ଯ୍ୟକର ଲାଗୁଥିଲା। ଚିତ୍ରଶିଳ୍ପୀ ପ୍ରସନ୍ନ କୁମାର ସାଉଙ୍କ ଚିତ୍ର ଦୁନିଆ ସମ୍ପର୍କରେ ବହୁ ଉପାଦେୟ କଥା ଛୁଟିଦିନରୁ ପଢ଼ିବାକୁ ମିଳିବାରୁ ଖୁସି ଲାଗିଲା।

*– ପ୍ରଶାନ୍ତି ପାଢ଼ୀ, ସମ୍ବଲପୁର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ନାଁ ନଖରା' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ପ୍ରେମ ପାଇଁ ଟେନସନ୍', 'ଦୃଢ଼ମନା ବବି', 'ମନ୍ଦିର ଯିବା ରହସ୍ୟ' ଆଦି ପାଠଗୁଡ଼ିକ ହୃଦୟସ୍ପର୍ଶୀ ଥିଲା। ସାହିତ୍ୟିକା ମୀନାକ୍ଷୀ ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ପ୍ରେରଣାଦାୟୀ ଥିଲା।

*– ସୁକେଶ, ସୁରେଶ, ମୟୂରଭଞ୍ଜ*

✲ 'ସଫଳତା ଦେଇଛି ଦୃଢ଼ ଇଚ୍ଛାଶକ୍ତି' ଶୀର୍ଷକ ପାଠଟି ବେଶ୍ ପ୍ରେରଣାଦାୟୀ ଥିଲା। ମଡେଲ୍ ମିରର୍‌ରେ ଦେବସ୍ମିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ 'ବୌଦ୍ଧ କ୍ଷେତ୍ର ତଓ୍ୱାଙ୍ଗ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରୁ 'ବିଶ୍ୱଯୁଦ୍ଧ ଓ ଇନ୍‌ଷ୍ଟାଣ୍ଟ ନୁଡଲ୍ସ' ସମ୍ପର୍କରେ କିଛି ଅଜଣା ତଥ୍ୟ ଜାଣି ଖୁସି ଲାଗିଲା।

*– ପରମେଶ୍ୱର ସାହୁ, ସୁନ୍ଦରଗଡ଼*

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଆଦର୍ଶ ଚୋର' ଶୀର୍ଷକ ପାଠଟି ମନଛୁଆଁ ହେବା ସହିତ ଶିକ୍ଷଣୀୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କାର– ଭ୍ୟାନ', 'ଏତେ ବଡ଼ ହ୍ୟାଟ !', 'ବିନା ପେଟ୍ରୋଲ, ବିଜୁଳିରେ ଚାଲୁଥିବା ସ୍କୁଟର' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ଦେବାଶିଷ ଷଡ଼ଙ୍ଗୀ, ରେଳୱେ କଲୋନୀ, ପୁରୀ*

## ବିଶେଷ ଚିଠି




ସ୍ମୃତିରେ କାର୍‌ଗିଲ ଶୀର୍ଷକ
ଆଲେଖ୍ୟକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନେ ଭରିଦେଲା
ଅନେକ ଅବସାଦ।
ସତରେ ଆମ ଯବାନଙ୍କ
ସାହସିକତାର ତୁଳନା ନାହିଁ,
ତାଙ୍କ କଥାକୁ ବଖାଣି ଥିବାରୁ
ଛୁଟିଦିନକୁ ଅନେକ ବଧେଇ।

*– ବିଜୟ କୁମାର ମିଶ୍ର, ରସୁଲଗଡ଼ , ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ବନ୍ଧୁ ପାଇଁ

**ବିପଦବେଳେ ଯିଏ ଆଗପଛ ନ ଭାବି ବନ୍ଧୁ ପାଇଁ ନିଜ ଜୀବନକୁ ବାଜି ଲଗାଇଦିଏ, ଅସମ୍ଭବକୁ ସମ୍ଭବ କରିଦିଏ ସେ ହିଁ ପ୍ରକୃତ ବନ୍ଧୁ । ସେମିତି କେତେଜଣ ବନ୍ଧୁଙ୍କ କଥା...**

ସୁଖରେ ହେଉ କି ଦୁଃଖରେ ଯେ ସବୁବେଳେ ସବୁ କ୍ଷେତ୍ରରେ ପାଖେ ପାଖେ ଥାଇ ଆମକୁ ସାହାରା ଦେଇଥାଏ ସେ ହେଉଛି ବନ୍ଧୁ। ଏପରି କି ବିପଦ ଆସିଲେ ଆମ ପାଇଁ ନିଜ ଜୀବନକୁ ବାଜି ଲଗାଇଦେବାକୁ ବି ସେ ପଛଘୁଞ୍ଚା ଦିଏନି। ସେଥିପାଇଁ ତ କୁହାଯାଏ, ଗୋଟିଏ ପ୍ରକୃତ ବନ୍ଧୁ ସେତେବେଳେ ପାଖରେ ଥାଏ, ଯେତେବେଳେ ଆମକୁ କାହାର ସାହାରା ଦରକାର ଥାଏ। ଏଠାରେ ସେମିତି କେତେଜଣ ପ୍ରକୃତ ବନ୍ଧୁଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି ; ଯେଉଁମାନେ ବନ୍ଧୁ ପାଇଁ ଏମିତି କିଛି କାମ କରିଯାଇଛନ୍ତି ; ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ...

### ଲିଭର ଦେଇ ବଞ୍ଚାଇଲେ ବନ୍ଧୁର ଜୀବନ

ବେଳେବେଳେ ବନ୍ଧୁତା ଏତେ ନିବିଡ଼ ହୋଇଯାଏ ଯେ, ଜଣଙ୍କର ଜୀବନ ବଞ୍ଚାଇବା ପାଇଁ ଆଉ ଜଣେ ବନ୍ଧୁ ତା' ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ପଛାଏ ନାହିଁ ; ଯାହାର ଏକ ନିଚ୍ଛକ ଉଦାହରଣ ଏଇ କିଛି ବର୍ଷ ତଳେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଘଟଣାଟି ଥିଲା ଏମିତି: ପୂଜା ଓ ତାଙ୍କ ସ୍ୱାମୀ ଅନୁରାଗ ଭଟନାଗର ୨୦୦୫ ମସିହାରେ ୟୁକେକୁ କୌଣସି ଏକ କୋର୍ସ କରିବା ପାଇଁ ଯାଇଥିଲେ। ସେଠାରେ ପ୍ରସନ୍ନ ଗୋପୀନାଥ ଓ ତାଙ୍କ ପତ୍ନୀ ନିରମିତୀଙ୍କ ସହ ସେମାନଙ୍କର ପରିଚୟ ହୋଇଗଲା। ପ୍ରସନ୍ନ ଓ ନିରମିତୀ ବି ୟୁକେକୁ ପାଠ ପଢ଼ିବାକୁ ଯାଇଥିଲେ। କ୍ରମେ ସେମାନଙ୍କ ଭିତରେ ସମ୍ପର୍କ ନିବିଡ଼ ହେବାରୁ ସମସ୍ତେ ମିଶି ସେଠାରେ ଏକ ଫ୍ଲାଟ୍ ଭଡ଼ା ନେଇ ଏକାଠି ରହିବାକୁ ଲାଗିଲେ। ବୟସରେ ପୂଜା ଓ ଅନୁରାଗ ବଡ଼ ଥିବାରୁ ତାଙ୍କୁ ଭାଇଭାଉଜ ବୋଲି ଡାକୁଥିଲେ ପ୍ରସନ୍ନ ଓ ନିରମିତୀ ଆଉ ସେମାନଙ୍କୁ ଯଥେଷ୍ଟ ସମ୍ମାନ ବି ଦେଉଥିଲେ। ଅନ୍ୟପକ୍ଷେ ପୂଜା ଓ ଅନୁରାଗ ବି ପ୍ରସନ୍ନ ଓ ନିରମିତୀଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ଆଉ ତାଙ୍କର ସବୁ ଭଲମନ୍ଦ ବୁଝୁଥିଲେ। ବନ୍ଧୁତାରୁ ଆରମ୍ଭ ହୋଇଥିବା ଏହି ସମ୍ପର୍କ କ୍ରମେ ପାରିବାରିକ ସମ୍ପର୍କରେ ପରିଣତ ହୋଇଯାଇଥିଲା। ହସଖୁସିରେ ୪ ବର୍ଷ କେମିତି ବିତିଗଲା ଜଣାପଡ଼ିଲାନି। ୨୦୦୯ରେ ପ୍ରସନ୍ନ ଓ ନିରମିତୀଙ୍କ ପଢ଼ା ସରିଯିବାରୁ ସେମାନେ ନିଜ ବାସସ୍ଥାନ ଚେନ୍ନାଇ ଫେରି କିଛି ଗୋଟେ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ। ପୂଜା ଓ ଅନୁରାଗଙ୍କ ଠାରୁ ଶ୍ରଦ୍ଧେୟ ବିଦାୟ ନେଇ ସେମାନେ ଚେନ୍ନାଇ ଆସି ଏକ କୁକୁର ଟ୍ରେନିଂ ସେଣ୍ଟର ଖୋଲି ନିଜର ଗୁଜୁରାଣ ମେଣ୍ଟାଇବାକୁ ଆରମ୍ଭ କଲେ। ଅନ୍ୟପକ୍ଷେ ଏହାର କିଛିଦିନ ପରେ ପୂଜା ଓ ଅନୁରାଗଙ୍କର ମଧ୍ୟ କୋର୍ସ ସରିଯିବାରୁ ସେମାନେ ଗୁରୁଗାଓଁରେ ଆସି ସ୍ଥାୟୀ ଭାବେ ରହିବାକୁ ଲାଗିଲେ। ପୂଜା ଗୁରୁଗାଓଁରେ ଶିକ୍ଷକତା କରୁଥିଲେ। ଦୂରରେ ରହୁଥିଲେ ବି ପୂଜା, ଅନୁରାଗ ଓ ପ୍ରସନ୍ନ, ନିରମିତୀ ମଝିରେ ମଝିରେ ଫୋନ୍ ଯୋଗେ କଥା ହୋଇ ପରସ୍ପରର ଭଲମନ୍ଦ ବୁଝୁଥିଲେ। ବେଶ୍ କିଛି ବର୍ଷ ଏମିତି ବିତିଗଲା। ୨୦୧୭ରେ ହଠାତ୍ ପୂଜାଙ୍କର ଦେହ ଭୀଷଣ ଖରାପ ହୋଇଗଲା। ପୂର୍ବରୁ ଯେହେତୁ ତାଙ୍କର ଲିଭର୍ (ଯକୃତ) ସମସ୍ୟା ଟିକେ ଥିଲା ତେଣୁ ସେ ନିୟମିତ ଔଷଧ ଖାଉଥିଲେ। ହେଲେ ୨୦୧୭ରେ ତାଙ୍କର ଲିଭର୍ ସମସ୍ୟା ଏତେ ବଢ଼ିଗଲା ଯେ, ତାହା ଆଉ ଔଷଧରେ ଭଲ ହେବନାହିଁ ବରଂ ଲିଭର୍ ଟ୍ରାନ୍ସପ୍ଲାଣ୍ଟ କରିବା ନିହାତି ଜରୁରୀ ବୋଲି ଡାକ୍ତର ଅନୁରାଗଙ୍କୁ ଜଣାଇଦେଲେ। କିନ୍ତୁ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡୋନର୍ କେଉଁଠୁ ଆସିବେ ଆଉ ଏସବୁ ପାଇଁ ଯେଉଁ ପଇସା ଖର୍ଚ୍ଚ ହେବ ତାହା କେଉଁଠୁ ଆସିବ ତାକୁ ନେଇ ଖୁବ୍ ଚିନ୍ତାରେ ପଡ଼ିଗଲେ ଅନୁରାଗ। ରକ୍ତ ସମ୍ପର୍କୀୟମାନଙ୍କୁ ଜଣାଇବାରୁ କେତେ ଜଣ ଲିଭର୍ ଦାନ କରିବାକୁ ରାଜି ହେଲେ ନାହିଁ ଆଉ ଯେଉଁମାନେ ରାଜି ହେଲେ ସେମାନଙ୍କର କିଛି ନା କିଛି ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ଡାକ୍ତର ସେମାନଙ୍କର ଲିଭର୍ ନେବାକୁ ମନା କରିଦେଲେ। ଅନ୍ୟ କିଛି ଉପାୟ ନ ପାଇ ଶେଷରେ ସୋସିଆଲ ମିଡିଆର ସାହାଯ୍ୟ ନେଲେ ଅନୁରାଗ। ଫେସ୍‌ବୁକ୍‌ରେ ନିଜ ପତ୍ନୀଙ୍କର ଫଟୋ ଏବଂ ତାଙ୍କର ଲିଭର୍ ସମସ୍ୟା ସମ୍ପର୍କିତ ସମସ୍ତ ଡକ୍ୟୁମେଣ୍ଟକୁ ପୋଷ୍ଟ କରି ସାଧାରଣ ଲୋକମାନଙ୍କୁ ସାହାଯ୍ୟର ଭିକ୍ଷା ମାଗିଲେ ଅନୁରାଗ। ସୌଭାଗ୍ୟକୁ ଏହି ଫେସ୍‌ବୁକ୍‌ରୁ ହିଁ ପ୍ରସନ୍ନ ଓ ନିରମିତୀ ପୂଜାଙ୍କର ଏଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଜାଣି ସବୁକାମ ଛାଡ଼ି ସଙ୍ଗେସଙ୍ଗେ ପୂଜା ଚିକିତ୍ସାଧୀନ ଥିବା ଡାକ୍ତରଖାନାରେ ଆସି ପହଞ୍ଚିଗଲେ। ଅନୁରାଗଙ୍କଠାରୁ ସବୁ କଥା ଶୁଣି ପ୍ରଥମେ ନିରମିତୀ ପୂଜାଙ୍କୁ ନିଜର ଗୋଟେ ଅଂଶ ଲିଭର୍ ଦେବା ପାଇଁ ରାଜି ହେଲେ। କିନ୍ତୁ ପରୀକ୍ଷା କରାଯିବାରୁ ତାଙ୍କର ଫ୍ୟାଟି ଲିଭର୍ ବାହାରିଲା ; ଯଦ୍ଦ୍ୱାରା ସେ ଆଉ ଲିଭର୍ ଡୋନେଟ୍ କରିପାରିଲେ ନାହିଁ। ତା'ପରେ ପ୍ରସନ୍ନ ନିଜର ପରୀକ୍ଷା କରାଇଲେ। ପ୍ରଭୁଙ୍କ କୃପାରୁ ତାଙ୍କର ସବୁକିଛି ଠିକ୍‌ଠାକ୍ ରିପୋର୍ଟ ବାହାରିଲା। ହେଲେ ପୁଣି ଗୋଟେ ସମସ୍ୟା ଉପୁଜିଲା। ଡାକ୍ତରଖାନାର କିଛି ଷ୍ଟାଫ୍ ଅନୁରାଗଙ୍କୁ କହିଲେ, ''ନିୟମ ଅନୁଯାୟୀ ଯଦି ଜଣେ ଜୀବନ୍ତ ଲୋକ କାହାକୁ ଲିଭର୍ ଦାନ କରିବ ତା'ହେଲେ ସିଏ ରୋଗୀଙ୍କର କେହି ଜଣେ ରକ୍ତ ସମ୍ପର୍କୀୟ ନଚେତ୍ ନିକଟ ସମ୍ପର୍କୀୟ ହୋଇଥିବା ଆବଶ୍ୟକ। ତେଣୁ ପ୍ରସନ୍ନ ଯେ ଆପଣଙ୍କର ଜଣେ ସମ୍ପର୍କୀୟ ତାହାର ପ୍ରମାଣ ଆପଣ ପ୍ରଥମେ ଦିଅନ୍ତୁ।'' ତା'ପରେ ଅନୁରାଗ ଓ ପ୍ରସନ୍ନ ୟୁକେରେ ଏକାଠି ଥିଲାବେଳର କିଛି ଫଟୋ ଓ ଡକ୍ୟୁମେଣ୍ଟକୁ ଯୋଗାଡ଼ କରି ଆଣି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦେଖାଇଥିଲେ ; ଯେଉଁଥିପାଇଁ ଅପରେଶନ ଆହୁରି ୨/୩ ଘଣ୍ଟା ବିଳମ୍ବ ହୋଇଗଲା। ଶେଷରେ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରମାଣ ଠିକ୍‌ଠାକ୍ ଲାଗିବାରୁ ସେ ଲିଭର୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଅନୁମତି ଦେଇଥିଲେ। ସତରେ ଦୀର୍ଘ ୧୨ ବର୍ଷ ତଳେ ଗଢ଼ି ଉଠିଥିବା ବନ୍ଧୁତାକୁ ମନେପକାଇ ଜଣେ ବନ୍ଧୁ ଆଉ ଜଣେ ବନ୍ଧୁର ଜୀବନ ବଞ୍ଚାଇବାକୁ ଯେ କ'ଣ କରିପାରେ ତାହା ପ୍ରସନ୍ନ ଏ ଦୁନିଆକୁ ଦେଖାଇ ଏକ ଉଦାହରଣ ସୃଷ୍ଟି କଲେ।

### ଦୃଷ୍ଟିବାଧିତ ବନ୍ଧୁଙ୍କ ସ୍ମୃତିରେ ଖୋଲିଲେ ଆଇ ଡୋନେଶନ ସେଣ୍ଟର

ସ୍ୱପ୍ନିଲ ଗାଓ୍ୱଣ୍ଡେ ; ଯିଏ କି ଦିଶା ଇଣ୍ଟରନ୍ୟାଶନାଲ ଆଇବ୍ୟାଙ୍କ୍‌ର ସଂସ୍ଥାପକ ଭାବେ ବେଶ୍ ଜଣାଶୁଣା ; ଯାହାଙ୍କ ପ୍ରଚେଷ୍ଟାରେ ଅନେକ ଗରିବ ଦୃଷ୍ଟିବାଧିତ ଫେରିପାଇଛନ୍ତି ନିଜର ଦୃଷ୍ଟିଶକ୍ତି। ତେବେ ଏଭଳି ଏକ ସମାଜମଙ୍ଗଳ କାମ କରିବା ପାଇଁ ସେ ତାଙ୍କ ପିଲାଦିନର ଜଣେ ସାଙ୍ଗଙ୍କଠାରୁ ପ୍ରେରଣା ପାଇଥିବା ସ୍ୱୀକାର କରନ୍ତି। ଘଟଣାଟି ଥିଲା ଏମିତି: ମହାରାଷ୍ଟ୍ରର ଅମରାବତୀ ଜିଲାରେ ରହୁଥିବା ସ୍ୱପ୍ନିଲଙ୍କର ଜଣେ ଅତି ପ୍ରିୟ ସାଙ୍ଗ ଥିଲେ ଅବ୍‌ଦୁଲ ; ଯିଏ କି ଜନ୍ମରୁ ଥିଲେ ଦୃଷ୍ଟିବାଧିତ। ମା' ଛେଉଣ୍ଡ ଅବ୍‌ଦୁଲଙ୍କୁ ମୂଲ ଲାଗି ଭାରି କଷ୍ଟରେ ବଢ଼ାଉଥିଲେ ତାଙ୍କ ବାପା। ସେ ସମୟରେ ଅମରାବତୀ ଅଞ୍ଚଳରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସେମିତି କିଛି ଖାସ୍ ସୁବିଧା ନ ଥିଲା। ଅନ୍ୟତ୍ର କୁଆଡ଼େ ଅବ୍‌ଦୁଲଙ୍କୁ ନେଇ ଚକ୍ଷୁ ଅସ୍ତ୍ରୋପଚାର କରାଇବା ବି ଅବ୍‌ଦୁଲଙ୍କ ବାପାଙ୍କ ପକ୍ଷେ ସମ୍ଭବପର ନ ଥିଲା। ସାଙ୍ଗର ଏଭଳି ଅବସ୍ଥା ଦେଖି ସ୍ୱପ୍ନିଲଙ୍କୁ ଭାରି କଷ୍ଟ ହେଉଥିଲା। ବଡ଼ ହୋଇ ଚାକିରି କଲେ ଅବ୍‌ଦୁଲଙ୍କର ଚକ୍ଷୁ ଅସ୍ତ୍ରୋପଚାର କରାଇବେ ବୋଲି ମନେ ମନେ ସ୍ଥିର କରିଥିଲେ ସ୍ୱପ୍ନିଲ। ହେଲେ ଦୁର୍ଭାଗ୍ୟ ୨୦୦୬ ମସିହାରେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ଅବ୍‌ଦୁଲଙ୍କର ମୃତ୍ୟୁ ହୋଇଗଲା। ସେବେଠାରୁ ସ୍ୱପ୍ନିଲ ମନେମନେ ସ୍ଥିର କରିଥିଲେ ନିଜ ଅଞ୍ଚଳରେ ଥିବା ଦୃଷ୍ଟିବାଧିତ ଲୋକମାନଙ୍କ ପାଇଁ କିଛି ଗୋଟେ କରିବେ। ଖୁବ୍ ଭଲ ପଢୁଥିଲେ ସ୍ୱପ୍ନିଲ। ସେଥିପାଇଁ ସ୍କୁଲ୍‌ରେ ଯେବେ ବି କିଛି ରଚନା କି ବକ୍ତୃତା ପ୍ରତିଯୋଗିତା ହେଉଥିଲା ସ୍ୱପ୍ନିଲ ସବୁବେଳେ ଚକ୍ଷୁଦାନ ବିଷୟକୁ ହିଁ ବାଛୁଥିଲେ। ଏହାର କିଛିଦିନ ପରେ ସ୍ୱପ୍ନିଲଙ୍କ ବାପା ମଧ୍ୟ ଏହି ଚକ୍ଷୁ ଅସ୍ତ୍ରୋପଚାରକୁ ନେଇ ମନରେ ଏକ ଶକ୍ତ ଆଘାତ ପାଇଲେ। ସ୍ୱପ୍ନିଲଙ୍କ ବାପା ଅରୁଣ ସ୍ଥାନୀୟ ଏକ ଫାର୍ମରେ କାମ କରୁଥିଲେ। ଅରୁଣଙ୍କର ଜଣେ ବନ୍ଧୁଙ୍କ ପୁଅର ହଠାତ୍ ଏକ ଦୁର୍ଘଟଣାରେ ଗୋଟିଏ ଚକ୍ଷୁ ନଷ୍ଟ ହୋଇଗଲା। → ଚକ୍ଷୁ ଅସ୍ତ୍ରୋପଚାର ପାଇଁ ସ୍ଥାନୀୟ ଅଞ୍ଚଳରେ କିଛି ସୁବିଧା ନ ଥିବାରୁ ପିଲାଟିର ଚକ୍ଷୁଟି ଆଉ ଭଲ ହୋଇପାରିଲା ନାହିଁ ; ଯାହା ଅରୁଣଙ୍କୁ ଖୁବ୍ ବାଧିଥିଲା। ବାସ୍ ସେବେଠାରୁ




ଲେଭି – ବ୍ରିୟାନ୍


ସ୍ୱପ୍ନିଲ ଗାଓ୍ୱଣ୍ଡେ


ନିରମିତୀ, ଅନୁରାଗ, ପୂଜା, ପ୍ରସନ୍ନ

ଅରୁଣ ବି ପୁଅ ସ୍ୱପ୍ନିଲଙ୍କ ସହ ମିଶି ଚକ୍ଷୁଦାନ ଓ ଚକ୍ଷୁ ଅସ୍ତ୍ରୋପଚାରକୁ ନେଇ ଲୋକ ସଚେତନତା କାର୍ଯ୍ୟ କରିବାକୁ ଲାଗିଲେ। ଅନ୍ୟସ୍ଥାନରେ ଥିବା ଚକ୍ଷୁ ଚିକିତ୍ସାଳୟକୁ ଯାଇ ସେଠାକାର ଡାକ୍ତରମାନଙ୍କ ସହ ପରାମର୍ଶ କଲେ। ଆଉ ଶେଷରେ ୨୦୧୦ରେ ସେମାନେ 'ଦିଶା ମେଡିକାଲ ଆଣ୍ଡ ଏଜୁକେଶନ ଫାଉଣ୍ଡେଶନ' ନାମରେ ଏକ ଏନ୍‌ଜିଓ ସଂସ୍ଥା ରେଜିଷ୍ଟ୍ରେଶନ କଲେ। ଏହି ସଂସ୍ଥାର ମୁଖ୍ୟ କାମ ଥିଲା ଅମରାବତୀ ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ଆଇ କ୍ୟାମ୍ପ ପକାଇ ଲୋକଙ୍କୁ ମାଗଣାରେ ଚକ୍ଷୁ ଚିକିତ୍ସା ଯୋଗାଇଦେବା। ଆବଶ୍ୟକ କ୍ଷେତ୍ରରେ ଦୃଷ୍ଟିବାଧିତ ଲୋକମାନଙ୍କର ଅସ୍ତ୍ରୋପଚାର କରାଇ ସେମାନଙ୍କୁ ଦୁନିଆ ଦେଖାଇବା ଏବଂ ଲୋକମାନଙ୍କ ଭିତରେ ଚକ୍ଷୁଦାନକୁ ନେଇ ସଚେତନତା ସୃଷ୍ଟି କରାଇବା। ଏହି କାମକୁ ସଫଳ କରିବା ପାଇଁ ବେଶ୍ କିଛି ଦିନ ଯାଏ ସ୍ୱପ୍ନିଲ ଓ ତାଙ୍କ ବାପାଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ; ଯାହାର ଫଳ ସ୍ୱରୂପ ଧୀରେ ଧୀରେ ଲୋକମାନେ ସଚେତନ ହେଲେ। ଚକ୍ଷୁଦାନ ପାଇଁ ଖୁସିରେ ସେମାନେ ନାଁ ରେଜିଷ୍ଟ୍ରେଶନ କରିବା ସହ କିଛି ଲୋକ ଏହି ସଂସ୍ଥାକୁ ଚଳାଇବା ପାଇଁ ଆର୍ଥିକ ସହାୟତା ମଧ୍ୟ ଦେଲେ। ତା'ସହିତ ଏହି କାମରେ ସ୍ୱପ୍ନିଲଙ୍କୁ ସହଯୋଗ କରିବାକୁ କିଛି ବଦାନ୍ୟ ବ୍ୟକ୍ତି, ଯୁବପିଢ଼ି ତଥା ଡାକ୍ତର ବି ଆଗକୁ ଆସିଲେ। ସମସ୍ତଙ୍କ ଚେଷ୍ଟାରେ ଓ ସହଯୋଗରେ ସେବେଠାରୁ ଏପର୍ଯ୍ୟନ୍ତ ଏହି ସଂସ୍ଥା ଜରିଆରେ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଗରିବ ଲୋକଙ୍କର ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର ହୋଇସାରିଲାଣି। ତା'ସହିତ ଲକ୍ଷାଧିକ ଲୋକ ସ୍ୱଇଚ୍ଛାରେ ଚକ୍ଷୁଦାନ ପାଇଁ ଏଠି ନାଁ ରେଜିଷ୍ଟ୍ରେଶନ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ଏହି ସଂସ୍ଥା ତରଫରୁ ୫ଟି ଆଇ ବ୍ୟାଙ୍କ୍ ମଧ୍ୟ ବିଭିନ୍ନ ସ୍ଥାନରେ କରାଯାଇଛି ଆଉ ସବୁଠି ଲୋକମାନଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଛି। ଦିନେ ସ୍ୱପ୍ନିଲ ସ୍କୁଲ ପଢ଼ା ପରେ ଉଚ୍ଚଶିକ୍ଷା ପାଇଁ ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ନାଁ ଲେଖାଇବାକୁ ସୁଯୋଗ ପାଇଥିଲେ। କିନ୍ତୁ ସେଠି ପଢ଼ିଲେ କାଳେ ସେ ଦେଖିଥିବା ସ୍ୱପ୍ନ ଅପୂରଣ ରହିଯିବ ସେଥିପାଇଁ ସେଠାରେ ନାଁ ନ ଲେଖାଇ ନିଜ ଅଞ୍ଚଳରେ ଥିବା ସାଧାରଣ କଲେଜରେ ପଢ଼ି ସେ ତାଙ୍କର ସ୍ନାତକ ଡିଗ୍ରୀ ଶେଷ କରିଥିଲେ। ତେବେ ସେ ଯାହା ବି ହେଉ ସ୍ୱପ୍ନିଲ ତାଙ୍କର ବାଲ୍ୟବନ୍ଧୁର ଚକ୍ଷୁ ସିନା ଠିକ୍ କରିପାରି ନ ଥିଲେ କିନ୍ତୁ ଆଜି ସେହି ସାଙ୍ଗର ସ୍ମୃତିରେ ହଜାର ହଜାର ଦୃଷ୍ଟିବାଧିତଙ୍କର ଚକ୍ଷୁ ଠିକ୍ କରି ସେ ଏକ ନିଆରା ଉଦାହରଣ ସୃଷ୍ଟି କରିପାରିଛନ୍ତି।

### ଦୁଇ ସାଙ୍ଗଙ୍କଠାରେ ଲାଗିଲା ଜଣଙ୍କର କିଡ୍‌ନୀ

ଲେଖାଟି ପଢ଼ି ଆଶ୍ଚର୍ଯ୍ୟ ଲାଗୁଛି ନା ; କିନ୍ତୁ ପ୍ରକୃତରେ ଏମିତି ଏକ ଅଜବ ଘଟଣା ଏଇ କିଛିଦିନ ତଳେ କାଲିଫର୍ନିଆରେ ଘଟିଯାଇଛି।

୨୦୨୧ ମସିହା ଫେବୃୟାରୀ ମାସର କଥା। ହଠାତ୍ ଇଣ୍ଟରନେଟ୍‌ରେ ଏକ ଖବର ବେଶ୍ ଚର୍ଚ୍ଚାର ପରିସରକୁ ଆସିଲା। ନିକଟରେ କାଲିଫର୍ନିଆର ପୋମୋନା ନାମକ ଏକ ସ୍ଥାନରେ ପ୍ରାୟ ୬ ବର୍ଷ ବୟସର ଦୁଇଟି କୋମଳମତି ପିଲାଙ୍କର କିଡ୍‌ନୀ ଅପରେଶନ ସଫଳତାର ସହ ଶେଷ ହୋଇଥିଲା। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା ଥିଲା, ଏହି ୨ଟି ପିଲାଙ୍କଠାରେ ଯେଉଁ କିଡ୍‌ନୀ ଲାଗିଥିଲା ତାହା ଥିଲା ଜଣେ ବ୍ୟକ୍ତିଙ୍କର। ଅର୍ଥାତ୍ ଅଳ୍ପ କିଛି ସମୟ ପୂର୍ବରୁ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କର ଦୁଇଟି କିଡ୍‌ନୀରୁ ଗୋଟେ ଲେଭି ସାଲଡିଭାର୍ ଓ ଅନ୍ୟଟି ବ୍ରିୟାନ୍ ଟିନାଜେରୋଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ଲେଭି ଓ ବ୍ରିୟାନ୍ ଉଭୟଙ୍କର ଜନ୍ମ ଗୋଟିଏ ସ୍ଥାନରେ ଆଉ ସେମାନଙ୍କର ବୟସ ବି ପାଖାପାଖି ସମାନ। ହେଲେ କେହି କାହାକୁ ପୂର୍ବରୁ ଦେଖା ହୋଇ ନ ଥିଲେ। ଲେଭିଙ୍କର ଜନ୍ମରୁ କିଡ୍‌ନୀଜନିତ ସମସ୍ୟା ଥିଲା ; ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ଔଷଧ ଦେଇ ଚିକିତ୍ସା କରାଯାଉଥିଲା। ପରେ ପରେ ଔଷଧ କାମ ନ ଦେବାରୁ ତାଙ୍କର କେତେଥର ଡାଏଲିସିସ୍ ମଧ୍ୟ ହୋଇଥିଲା। ତା'ସହିତ ଛୋଟମୋଟ ଅନେକ ସର୍ଜରି ବି ତାଙ୍କର କରାଯାଇଥିଲା। ସେଥିରେ ବି କିଛି ଭଲ ନ ହେବାରୁ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଯେହେତୁ ଡୋନର୍ ମିଳି ନ ଥିଲେ ସେଥିପାଇଁ ଡାଏଲିସିସ୍ ଓ ଔଷଧ ଜାରି ରହିଥିଲା। ଅନ୍ୟପକ୍ଷେ ବ୍ରିୟାନ୍‌ଙ୍କର ଜନ୍ମରୁ ହାର୍ଟ ଓ କିଡ୍‌ନୀ ଉଭୟ ସମସ୍ୟା ରହିଥିଲା। ଲେଭିଙ୍କୁ ଯେଉଁ ଡାକ୍ତର ଦେଖୁଥିଲେ ବ୍ରିୟାନ୍‌ଙ୍କୁ ବି ସେହି ଡାକ୍ତର ଚିକିତ୍ସା କରୁଥିଲେ। ଲେଭିଙ୍କ ପରି ବ୍ରିୟାନ୍‌ଙ୍କର ବି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନିହାତି ଜରୁରୀ ଥିଲା। କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡୋନର୍ ଆବଶ୍ୟକ ବୋଲି ଉଭୟ ଲେଭି ଓ ବ୍ରିୟାନ୍‌ଙ୍କ ମା' ନାଁ ରେଜିଷ୍ଟର୍ଡ ଗୋଟିଏ ଜାଗାରେ କରାଇଥିଲେ କିନ୍ତୁ ଭିନ୍ନ ଭିନ୍ନ ସମୟରେ। ଭାଗ୍ୟକୁ ଡୋନର୍ ବି ମିଳିଲେ ଆଉ ଉଭୟଙ୍କ ପାଖକୁ ଫୋନ୍ ଆସିଲା। ନିର୍ଦ୍ଧାରିତ ଦିନ ଉଭୟ ମା' ତାଙ୍କ ପିଲାଙ୍କୁ ନେଇ ଯେତେବେଳେ ଡାକ୍ତରଖାନାରେ ପହଞ୍ଚି ଜାଣିଲେ ଯେ, ଗୋଟିଏ ଡୋନର୍‌ଙ୍କ ଠାରୁ ସେମାନଙ୍କ ପିଲା ଦୁହେଁ କିଡ୍‌ନୀ ପାଇବେ ଆଶ୍ଚର୍ଯ୍ୟ ହୋଇଗଲେ। ବାସ୍ ସେବେଠାରୁ ତାଙ୍କ ଭିତରେ ଏକ ନୂଆ ସମ୍ପର୍କ ଗଢ଼ି ଉଠିଲା। କେବଳ ମା' କାହିଁକି ସେମାନଙ୍କ ପିଲା ବି ପରସ୍ପରକୁ ବନ୍ଧୁ ଭାବେ ବାଛିନେଲେ। ଟ୍ରାନ୍ସପ୍ଲାଣ୍ଟ ପୂର୍ବରୁ ଯାହା କିଛି ବି ଶାରୀରିକ ପରୀକ୍ଷା ନିରୀକ୍ଷା ଥାଏ ସବୁଥିରେ ଉଭୟ ଲେଭି ଓ ବ୍ରିୟାନ୍ ପାସ୍ କରିଗଲେ। ତା'ପରେ ସଫଳତାର ସହ ସେମାନଙ୍କର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ତେବେ ଅପରେଶନ୍ ପୂର୍ବରୁ ଡାକ୍ତରଖାନାରେ ପିଲା ଦୁହିଁଙ୍କର ଉଠାଯାଇଥିବା ଫଟୋଟି ଇଣ୍ଟରନେଟ୍‌ରେ ଯେତେବେଳେ ଭାଇରାଲ୍ ହେଲା ତାହାକୁ ଦେଖି ଆଉ ତାଙ୍କର କାହାଣୀ ପଢ଼ି ସେତେବେଳେ ସମସ୍ତେ ଚକିତ ହୋଇଯାଇଥିଲେ ଆଉ ପ୍ରାର୍ଥନା କରିଥିଲେ ପିଲା ଦୁଇଟିଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ।

### ବନ୍ଧୁଙ୍କ ଜୀବନ ପାଇଁ ପରିବାରବର୍ଗ ଦାନ କଲେ କିଡ୍‌ନୀ

ଏଡ୍‌ଓ୍ୱାର୍ଡ ଜପାଟା, ଅର୍ନୋଲ୍ଡ ଜପାଟା ଏବଂ ମାନୁଏଲ୍ ଗୋଞ୍ଜାଲେଜ୍ ଥ୍ରୀ ପରସ୍ପର ଭଲ ସାଙ୍ଗ। ସେମାନେ ସମସ୍ତ ଟେକ୍ସାସ୍‌ର ସିସିଏଡି ନାମକ ଏକ ଆର୍ମି ଡିପୋର୍ଟରେ ଏକାଠି କାମ କରୁଥିଲେ। ୨୦୦୬ରୁ ସେମାନଙ୍କର ପରିଚୟ। ତେବେ ଏଡ୍‌ଓ୍ୱାର୍ଡ ଜପାଟା ଓ ଅର୍ନୋଲ୍ଡ ଜପାଟା ସମ୍ପର୍କରେ ଦୁଇ ଭାଇ ବି। ୨୦୧୪ ମସିହାରେ ମାନୁଏଲ୍‌ଙ୍କର ଚାକିରି କାଳ ପୂରି ଯିବାରୁ ସେ ଅବସର ନେଇଗଲେ। କିନ୍ତୁ ସାଙ୍ଗମାନଙ୍କ ସହ ତାଙ୍କର ସମ୍ପର୍କ ସେମିତି ଥିଲା। ମାନୁଏଲ୍‌ଙ୍କର କିଡ୍‌ନୀ ସମସ୍ୟା ଥିଲା ; ଯେଉଁକଥା ଅର୍ନୋଲ୍ଡ ଜାଣିଥିଲେ। ଏପରିକି କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରିବାକୁ ଡାକ୍ତର ପରାମର୍ଶ ଦେଇଥିବା କଥା ବି ସେ ଜାଣିଥିଲେ। ହେଲେ ଏ ନେଇ ତାଙ୍କ ଭାଇ ଏଡ୍‌ଓ୍ୱାର୍ଡଙ୍କୁ କିଛି ବି କହି ନ ଥିଲେ। କାରଣ ତାଙ୍କର ହାର୍ଟ ସମସ୍ୟା ଥିଲା। କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଡୋନରଙ୍କ ଚେଷ୍ଟାରେ ଉଭୟ ଅର୍ନୋଲ୍ଡ ଓ ମାନୁଏଲ୍ ଥିଲେ। ଏହି ସମୟରେ ହଠାତ୍ ଏକ ଦୁଃଖଦ ଘଟଣା ଘଟିଲା। ୨୦୧୬ ଜୁଲାଇ ୧୪ରେ ଏଡ୍‌ଓ୍ୱାର୍ଡଙ୍କର ହାର୍ଟ ଆଟାକ୍ ହେଲା ଆଉ ସେଥିରେ ତାଙ୍କର ମୃତ୍ୟୁ ହୋଇଗଲା। ଏଡ୍‌ଓ୍ୱାର୍ଡଙ୍କର ମୃତ ଶରୀରକୁ ଦାହ କରିବାକୁ ପରିବାରବର୍ଗ ଡାକ୍ତରଖାନାରୁ ଆଣିବାକୁ ଯୋଜନା କରୁଥିବାବେଳେ ହଠାତ୍ ଅର୍ନୋଲ୍ଡ ଆସି ଏଡ୍‌ଓ୍ୱାର୍ଡଙ୍କର ଦୁଇ ପୁଅଙ୍କୁ ବାପାଙ୍କର କିଡ୍‌ନୀ ଡୋନେଟ୍ କଥା କହିଲେ। ସେମାନେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ। କିନ୍ତୁ ପରେ ଯେତେବେଳେ ସେମାନେ ତାଙ୍କ ବାପାଙ୍କର ବନ୍ଧୁ ମାନୁଏଲ୍‌ଙ୍କର କିଡ୍‌ନୀ ସମସ୍ୟା କଥା ଜାଣିଲେ ; ତା'ପରେ ନିଜକୁ ସମ୍ଭାଳି ପରିବାର ଲୋକଙ୍କୁ ବୁଝାଇ ଶେଷରେ ବାପାଙ୍କର କିଡ୍‌ନୀ ଦାନ କରିବାକୁ ରାଜି ହୋଇଗଲେ। ଏ ଘଟଣାରେ ଖୁସି ହେବେ କି ଦୁଃଖିତ ହେବେ ତାହାକୁ ନେଇ କିନ୍ତୁ ବେଶ୍ ଦ୍ୱନ୍ଦ୍ୱରେ ଥିଲେ ଜଣେ ବ୍ୟକ୍ତି, ସେ ହେଲେ ଅର୍ନୋଲ୍ଡ। କାରଣ ଗୋଟେ ପଟେ ଭାଇର ମୃତ୍ୟୁ ଖବର ଏବଂ ଅନ୍ୟ ପଟେ ବନ୍ଧୁ ମାନୁଏଲ୍‌ର ଜୀବନ ରକ୍ଷା କରିବାକୁ ସଂଘର୍ଷ। ଯାହାବି ହେଉ ଶେଷରେ ମୃତ୍ୟୁ ଶଯ୍ୟାରେ ଶୋଇ ବି ବନ୍ଧୁ ଏଡ୍‌ଓ୍ୱାର୍ଡ ତାଙ୍କର ପ୍ରିୟ ବନ୍ଧୁ ମାନୁଏଲ୍ ଗୋଞ୍ଜାଲେଜ ଥ୍ରୀଙ୍କୁ ଯେଉଁ ନୂତନ ଜୀବନ ଦେଇଗଲେ ତାହା ସତରେ ଏ ସମାଜ ପାଇଁ ଏକ ପ୍ରେରଣା।


ଏଡ୍‌ଓ୍ୱାର୍ଡଙ୍କ ପରିବାରବର୍ଗ

ସତରେ ବନ୍ଧୁ ହେବ ତ ଏମିତି। ନିଜ ଜୀବନକୁ ବାଜି ଲଗାଇ ବନ୍ଧୁ ପାଇଁ ଜୀବନ ଦେବାକୁ ପଛାଉ ନ ଥିବା ଏହି ନିଃସ୍ୱାର୍ଥପର ବନ୍ଧୁତାକୁ ଶତ ଶତ ପ୍ରଣାମ।

– ଅନ୍ୱିତା ମିଶ୍ର





# ବର୍ଣ୍ଣାଳୀ

## ଲୋକ ସଙ୍ଗୀତରେ ଲୋକପ୍ରିୟତା




**ଓଡ଼ିଶାର ପୁରୁଣା ଲୋକଗୀତକୁ 'ଭାରତ କା ଅମୃତ କଲସ' ରିଆଲିଟି ଶୋ'ରେ ନୂଆ ଶୈଳୀରେ ଗାଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ଓଡ଼ିଆ ଝିଅ, କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା..**

ଓଡ଼ିଶାର ପୁରୁଣା ଲୋକଗୀତକୁ 'ଭାରତ କା ଅମୃତ କଲସ' ରିଆଲିଟି ଶୋ'ରେ ନୂଆ ଶୈଳୀରେ ଗାଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ଓଡ଼ିଆ ଝିଅ, କଣ୍ଠଶିଳ୍ପୀ **ବର୍ଣ୍ଣାଳୀ ହୋତା**। ୨୦୦୦ ମସିହା ଏପ୍ରିଲ ୪ତାରିଖରେ ଭୁବନେଶ୍ୱରରେ ଜନ୍ମିତ ବର୍ଣ୍ଣାଳୀଙ୍କ ପରିବାର ସଂସ୍କୃତିସମ୍ପନ୍ନ ଓ ଜଗନ୍ନାଥ ପ୍ରେମୀ। ଶୈଶବରୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ଗଭୀର ଆକର୍ଷଣ। ଝିଅର ଆଗ୍ରହ ସ୍ପଷ୍ଟ ବାରି ପାରିଥିଲେ ବାପା ସୂର୍ଯ୍ୟ ନାରାୟଣ ହୋତା ଓ ମା' ମମତା ମିଶ୍ର। କଳାକାର ନ ହେଲେ ବି ଉଭୟ କଳାପ୍ରେମୀ। ରେଡିଓ ଓ ଟିଭିରୁ ଗୀତ ଶୁଣି ଘରେ ଗୁଣୁଗୁଣୁ ହୋଇ ଗାଇ ବୁଲୁଥିବା ଝିଅର ପ୍ରତିଭାକୁ ଚିହ୍ନିପାରି ମାତ୍ର ତିନି ବର୍ଷ ବୟସରେ ଓଡ଼ିଶାର ସୁନାମଧନ୍ୟ ଭଜନ ଗାୟିକା ଶାନ୍ତିଲତା ବାରିକଙ୍କ ପାଖରେ ସଙ୍ଗୀତ ଶିକ୍ଷା ପାଇଁ ଛାଡିଥିଲେ। ବର୍ଣ୍ଣାଳୀ କୁହନ୍ତି, ସେ ସମୟର କଥା ମୋର ଠିକ୍ ଭାବେ ମନେ ନାହିଁ। ତଥାପି ମୋ ଗୁରୁମା ଥିଲେ ଜଣେ ଶ୍ରଦ୍ଧାଶୀଳ ମଣିଷ। ଖୁବ୍ ଛୋଟ ଥିବାରୁ ମୋର ଯାବତୀୟ ଅଳି, ଅର୍ଦ୍ଦଳୀ ସହ୍ୟ କରି ମୋତେ କୋଳରେ ବସେଇ ଗୀତ ଶିଖାଇଛନ୍ତି। ମୋ ଜୀବନର ଏକ ବଡ ଅବସୋସ ତାଙ୍କୁ ହରାଇ ତାଙ୍କର ଶେଷଦର୍ଶନ ନ କରିପାରିବା। ଏହାପରେ ଗୁରୁ ବସନ୍ତ ପାତ୍ରଙ୍କ ଶିଷ୍ୟା ହେବାର ସୌଭାଗ୍ୟ ମିଳିଥିଲା ମୋତେ। ମୋର ସଙ୍ଗୀତ ଯାତ୍ରା ପଛରେ ଗୁରୁଜୀ, ଗୁରୁମାଙ୍କ ଆଶୀର୍ବାଦ ଓ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।' ବର୍ଣ୍ଣାଳୀଙ୍କ ପାଠପଢା କଥା କହିଲେ ବିଜେଇଏମ୍ ସ୍କୁଲରୁ ସେ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ। ଏଗାର ବର୍ଷ ବୟସରେ ଜୀଟିଭିରେ ପ୍ରସାରିତ 'ସାରେଗାମାପା ଲିଟିଲ୍ ଚାମ୍ପ୍ସ'ରେ ପ୍ରଥମ ପାଞ୍ଚ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଏହାପରେ ୨୦୧୭ ମସିହାରେ ରିୟାଲିଟି ଶୋ 'ଦିଲ୍ ହେ ହିନ୍ଦୁସ୍ତାନୀ' କାର୍ଯ୍ୟକ୍ରମରେ ପ୍ରଥମ ରନର୍ସ ଅପ୍ ହୋଇଥିଲେ। ବର୍ତ୍ତମାନ ଭାରତର ପ୍ରତ୍ୟେକ ରାଜ୍ୟର ଲୋକ ସଙ୍ଗୀତ ଓ ପାରମ୍ପରିକ ସଙ୍ଗୀତକୁ ନେଇ 'ଭାରତ କା ଅମୃତ କଲସ' ସଙ୍ଗୀତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ପ୍ରତିନିଧିତ୍ୱ





କରି ଓଡ଼ିଆ ଲୋକ ସଙ୍ଗୀତ ପରିବେଷଣ ଦ୍ୱାରା ଶ୍ରୋତାଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବର୍ଣ୍ଣାଳୀ କୁହନ୍ତି, 'ମୋର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦେଶରେ ମୁଁ ମୋ ଜୀବନର ନିଷ୍ପତ୍ତି ନେଇଥାଏ। ମହାପ୍ରଭୁଙ୍କ ଉପରେ ସବୁକିଛି ଛାଡିଦିଏ। କୌଣସି ନିର୍ଣ୍ଣୟ ନେବା ପୂର୍ବରୁ ଠାକୁରଙ୍କ ମସ୍ତକରେ ଦୁଇଟି ଫୁଲ ରଖି ମନର କଥା ଜଣାଇ ଚାଲିଆସେ। ପରଦିନ ମହାପ୍ରଭୁ ଯେଉଁ ଆଜ୍ଞା ଦିଅନ୍ତି ସେହି ଅନୁସାରେ ଆଗକୁ ପାଦ ବଢାଏ। ଚାରି ବର୍ଷ ବୟସରୁ ସିଂହଦ୍ୱାର ସମ୍ମୁଖରେ ଗୁରୁମାଙ୍କ ସହିତ ଜଗନ୍ନାଥଙ୍କ ଭଜନ ଗାଇ ଆଜି କୋଡିଏ ବର୍ଷ ଭିତରେ ଅନେକ ସ୍ଥାନରେ ତାଙ୍କ ଆଶୀର୍ବାଦରୁ ଗାଇ ଚାଲିଛି। ରିୟାଲିଟି ଶୋ'କୁ ଆସିବା ମଧ୍ୟ ପ୍ରଭୁଙ୍କର ନିର୍ଦ୍ଦେଶ। ଯେତେବେଳେ ମୋ ପାଖକୁ ଫୋନ ଆସିଲା ଓଡ଼ିଶା ବ୍ୟତୀତ ପ୍ରତି ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି। ଜଣେ ଓଡ଼ିଆ ଝିଅ ଭାବେ ମୁଁ ଏହାକୁ ସହଜରେ ଗ୍ରହଣ କରିପାରିଲି ନାହିଁ। ଅନ୍ୟ ରାଜ୍ୟ ପରି ମୋ ରାଜ୍ୟର ଲୋକଗୀତକୁ ସମସ୍ତେ ଜାଣନ୍ତୁ। କାହିଁକି ନା ଓଡ଼ିଆ ଫୋକ୍ କହିଲେ ସେମାନେ କେବଳ ରଙ୍ଗବତୀକୁ ବୁଝୁଥିଲେ। ଏଣୁ ମୋର ଉଦ୍ଦେଶ୍ୟ ଥିଲା କୋରାପୁଟିଆ ଗୀତ, ରଜଗୀତ, ସମ୍ବଲପୁରୀ ଗୀତ, ପୁରୁଣା ବାହାଘର ଗୀତ ଏ ସବୁକୁ ଦର୍ଶକଙ୍କ ସମ୍ମୁଖକୁ ଆଣିବାକୁ ହେବ। ଆଜି ଏକଥା କହିବାରେ ମୁଁ ବେଶ୍ ଆନନ୍ଦିତ ହେଉଛି ଆମ ଆଞ୍ଚଳିକ ଲୋକଗୀତ ମୋର ଜଜ୍ ଏପରିକି ସହପ୍ରତିଯୋଗୀମାନଙ୍କ ମନକୁ ଛୁଇଁଛି।' ଅକ୍ଷୟ ମହାନ୍ତି, ରେଖା ଭରଦ୍ୱାଜ ଓ ଆଦନାନ୍ ସାମିଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଥିବା ବର୍ଣ୍ଣାଳୀ ପିଲାଦିନୁ ବୈଜ୍ଞାନିକ ହେବାର ସ୍ୱପ୍ନ ଦେଖିଥିଲେ। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ସେ କଲିକତା ଚାଲିଯାଇଥିଲେ। ସେହିଠାରେ ବି ଜାରି ରହିଲା ତାଙ୍କର ଶିକ୍ଷା ଓ ସଙ୍ଗୀତ। ଶାନ୍ତି ନିକେତନରୁ ଇଂରାଜୀରେ ସ୍ନାତକୋତ୍ତର କରିବା ସହ ସଙ୍ଗୀତ ରିସର୍ଚ୍ଚ ଏକାଡେମୀର ବିଶାରଦ ଛାତ୍ରୀ। ଓଡ଼ିଆ, ହିନ୍ଦୀ, ବଙ୍ଗାଳୀ, ମରାଠୀ, ଇଂରାଜୀ ଭାଷାରେ ପାରଙ୍ଗମ ବର୍ଣ୍ଣାଳୀ ହିନ୍ଦୀ, ଓଡ଼ିଆ ଓ ବେଙ୍ଗଲୀରେ ଗାଇପାରନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ସୁଇଟ ସିକ୍ସଟିନ' ଓ ଏକ ବଙ୍ଗଳା ଦେଶୀ କଳାତ୍ମକ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି ସେ। ଆନ୍ତର୍ଜାତିକ ସଙ୍ଗୀତ ସମ୍ମିଳନୀ ୨୦୧୨ରେ ସାଉଥ ଆଫ୍ରିକାରେ ଅଦନାନ ସାମିଙ୍କ ସହିତ ସଙ୍ଗୀତ ପରିବେଷଣ କରିବା ସହିତ ସିଙ୍ଗାପୁର, ୟୁରୋପରେ



ମଧ୍ୟ ଓଡ଼ିଆ ସଙ୍ଗୀତ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତାଙ୍କ ସଙ୍ଗୀତ ପାଇଁ ସେ କଳାଭୂମି ଯୁବ ପ୍ରତିଭା ସମ୍ମାନ, ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ସମ୍ମାନିତ ହେବା ସହ ସାରେଗାମାପା ଫାଇନାଲିଷ୍ଟ ମଞ୍ଚରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ 'ଭାରତ କା ଅମୃତ କଲସ' ଶୋ ସହିତ କିଛି ବଲିଉଡ ପ୍ରୋଜେକ୍ଟରେ ବର୍ଣ୍ଣାଳୀ କାମ କରୁଛନ୍ତି। ସେ କୁହନ୍ତି, ''ବିଦେଶରେ ଓଡ଼ିଆ ଲୋକ ସଙ୍ଗୀତର ଆଦର ବେଶ୍ ରହିଛି। ପ୍ରାୟ ୨୦୦୦ରୁ ଅଧିକ ଷ୍ଟେଜ ଶୋ କରିଥିବା ଏଇ କଣ୍ଠଶିଳ୍ପୀଙ୍କୁ ଦର୍ଶକଙ୍କ କରତାଳି ଓ ଭଲ ପାଇବା ପ୍ରୋତ୍ସାହିତ କରିଥାଏ। ମଞ୍ଚ ଉପରକୁ ଉଠିଗଲେ ସଙ୍ଗୀତ ବ୍ୟତୀତ ସବୁକିଛି ଭୁଲି ଯାଆନ୍ତି ସେ।'' ସଙ୍ଗୀତକୁ ଛାଡିଲେ ଅନ୍ୟ କ'ଣ କରିବାକୁ ଭଲ ପାଆନ୍ତି ପ୍ରଶ୍ନରେ ସେ କୁହନ୍ତି, ''ସଙ୍ଗୀତକୁ ଛାଡି ପାରିବିନି । ତେବେ ମୋ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଯାହା କାମ ମିଳିବ ଜଗନ୍ନାଥଙ୍କର ନିର୍ଦ୍ଦେଶ ଭାବି କରିବି।

**– ପ୍ରିୟମ୍ବଦା ରଥ**


*ଆର୍‌କେ ପୁରମ୍, ସେକ୍ଟର–୪ ନୂଆଦିଲ୍ଲୀ ମୋ:୮୬୮୮୯୫୭୮୦୦*



# ଚିତ୍ର କହେ ସମୟର କଥା

**ସ**ମାଜର ବିଭିନ୍ନ ଘଟଣାବଳୀକୁ ସେ ତାଙ୍କ ଚିତ୍ରକଳାରେ ସ୍ଥାନ ଦେଇଥାନ୍ତି। ପୁଣି ପ୍ରାକୃତିକ ପରିବେଶର ସୁରକ୍ଷା ନେଇ ଚିତ୍ରକଳାରେ ଜନସଚେତନତା ସୃଷ୍ଟି କରିଥାନ୍ତି। ସେଥିପାଇଁ ରାଜ୍ୟସ୍ତରୀୟ ପେଣ୍ଟିଂ ପ୍ରତିଯୋଗିତାରେ ତାଙ୍କର ଚିତ୍ରକଳାକୁ ଲଳିତକଳା ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ମିଳିଛି। ସେ ହେଲେ ଶିଳ୍ପୀ **ସୋଫିଆ ୟାସ୍ମିନ**। ଘର କେନ୍ଦୁଝର ଜିଲାର ଗଡ଼ବାନ୍ଧଗୋଡ଼ାରେ। ସେ କୁହନ୍ତି, 'ପିଲାଟିଦିନରୁ ମୋର ପେଣ୍ଟିଂ ପ୍ରତି ରୁଚିଥିଲା। ଘରେ ମା' ଯେତେବେଳେ ଚୁଲିରେ କିଛି ରୋଷେଇ କରୁଥିଲେ। ସେଠାରୁ ଅଙ୍ଗାର ଆଣି କାନ୍ଥରେ କିଛିନା କିଛି ଚିତ୍ର ଆଙ୍କି ପକାଉଥିଲି। ବିଶେଷକରି ପ୍ରକୃତିର ସୌନ୍ଦର୍ଯ୍ୟ ମତେ ଚିତ୍ର କରିବା କ୍ଷେତ୍ରରେ ପ୍ରେରଣା ଦେଇଥାଏ। ଯେତେବେଳେ ମାଷ୍ଟର ଇନ୍ ବାୟୋ-ଇନ୍‌ଫରମେଟିକସ୍‌ର ଛାତ୍ରୀ ଥିଲି ମୋର ଇଚ୍ଛାଥିଲା କି ବିଜ୍ଞାନରେ କ୍ୟାରିୟର କରିବି। କିନ୍ତୁ ଖୁସିରେ ଘରେ ଏମିତି ଚିତ୍ର ଆଙ୍କିବା ଯେ, ଦିନେ ମୋର ପରିଚୟ ହୋଇଯିବ ଏକଥା ଭାବି ନ ଥିଲି। କାରଣ ବିଧିବଦ୍ଧଭାବେ ଚିତ୍ରକଳାପାଇଁ ମୁଁ କୌଣସି ଶିକ୍ଷାନୁଷ୍ଠାନରେ ପାଠପଢି ନ ଥିଲି । ଥରେ ଏକ ଚିତ୍ରପ୍ରଦର୍ଶନୀରେ ମୁଁ ଆଙ୍କିଥିବା ଗୋଟିଏ ଚିତ୍ର ବିକ୍ରି ହୋଇଥିଲା, ଯାହା ମତେ ଉତ୍ସାହିତ କରିଥିଲା ଏବଂ ଚିତ୍ରକରର ପରିଚୟ ଦେଇଥିଲା। ଏହାପରେ ମୁଁ ଧଉଳି ଆର୍ଟ କଲେଜରେ ନାମ ଲେଖାଇଲି। ସେଠାରୁ ହିଁ ମୁଁ ବିଧିବଦ୍ଧ ତାଲିମ ପାଇଲି। ୨୦୧୯ମସିହା, ମୁମ୍ବାଇରେ ପେଣ୍ଟିଂର ଶୋ' କଲି। ୨୦୨୦ରେ ଗ୍ରୁପ୍ ଶୋ'ରେ ଭାଗ ନେଇଥିଲି। ଛତ୍ରପତି ଶିବାଜୀ ଆର୍ଟ ଗ୍ୟାଲେରିରେ ମୋର ଏକ ଚିତ୍ର ବିକ୍ରି ହେଲା। ୨୦୨୩ରେ ହାଇଦ୍ରାବାଦରେ ମୋର ପେଣ୍ଟିଂ ମନୋନୀତ ହୋଇଥିଲା। ପରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ପଞ୍ଜାବ, ହିମାଚଳପ୍ରଦେଶ ଆଦି ସହରରେ ମୋ ନିଜ ଚିତ୍ରକଳାର ପ୍ରଦର୍ଶନ କରିପାରିଥିଲି। ୨୦୨୪ରେ ରାଜ୍ୟସ୍ତରୀୟ ଲଳିତ କଳା ଏକାଡେମୀ ପୁରସ୍କାର ଓ ୨୦୨୪ରେ ଆର୍ଟ ସୋସାଇଟି ଅଫ୍ ଇଣ୍ଡିଆ ( ମୁମ୍ବାଇ)ରେ କର୍ମଯୋଗୀ ପୁରସ୍କାର ପାଇଲି। ମୁଁ ଅନୁଭବ କଲି ଯେ ମୋର ବାୟୋଲୋଜି ବିଷୟ ଓ ପେଣ୍ଟିଂ ଭିତରେ ବିଶେଷ ଫରକ ନାହିଁ। ଜଣେ ଆର୍ଟିଷ୍ଟ ଭାବେ ଜୀବନ ସହିତ ଜଡ଼ିତ ବିଭିନ୍ନ ଘଟଣାବଳୀର ଦୃଶ୍ୟକୁ କିପରି କଳାରେ ଝଲକ ଦେଇପାରିବି ସେସବୁର ପ୍ରୟାସ କରିଥାଏ। ଯେମିତି ଗାଁରେ ଅଧିକାଂଶ ସମୟ ବିଜୁଳି ନ ଥିବାବେଳେ ମୁଁ ଲଣ୍ଠନ ଆଲୁଅରେ ପାଠ ପଢିଛି। ଯାହାକୁ ମୁଁ ମୋ ପେଣ୍ଟିଂରେ ବି ଉତାରିଛି। ଯାହା ସେଇ ସମୟର କଥା କୁହେ। ମୋ ଚିତ୍ରକର ଜୀବନର କଥା କହିଲେ ପ୍ରଥମେ ମୁଁ ରଙ୍ଗର ସମୀକରଣକୁ ବୁଝିପାରୁ ନ ଥିଲି। ଏଥିରେ ମୋ ସାଙ୍ଗ ସାଏରୀ ସ୍ରୋତସ୍ୱିନୀ ବହୁତ ସାହାଯ୍ୟ କଲା। ସେ ନିଜେ କିଛି ଗୀତ ଗାଉଥିଲା ସେହି କଳାତ୍ମକ ଭାବନା ମୋତେ ଚିତ୍ରକଳାରେ ରୂପଦେବାକୁ ଆହ୍ୱାନ କରୁଥିଲା। ତାଙ୍କ ମା' ବି ଜଣେ କବି। ମୁଁ ତାଙ୍କଠାରେ ସୃଜନଶୀଳତା ଦେଖିଥିଲି। ଯାହା ମତେ ଶିଳ୍ପୀ ଦୁନିଆକୁ ଖୋଜିବାରେ ଆବଶ୍ୟକ ଖୋରାକ ଯୋଗାଇଥିଲା। ପରେ ଶିଳ୍ପୀ -ଚିନ୍ତାମଣି ବିଶ୍ୱାଳ, ଚନ୍ଦନ ସାମଲ, ବିଶ୍ୱ ସାହାଣୀ,ପଞ୍ଚାନନ ସାମଲଙ୍କ ଠାରୁ ବହୁତ କିଛି ଶିକ୍ଷା ପାଇଛି। ତେବେ ଏ କ୍ଷେତ୍ରରେ ମୋ ପାଇଁ ଯିଏ ମତେ ଅଧିକ ପ୍ରେରଣା ଦେଇଛନ୍ତି ସେ ହେଲେ ମୋ ମା'। ଏଯାଏ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଚିତ୍ର ଆଙ୍କି ସାରିଲିଣି। ଅନ୍ୟ ବିଭାଗ ଅପେକ୍ଷା ୱାଟରକଲରକୁ ବେଶି ପସନ୍ଦ କରିଥାଏ। ଭବିଷ୍ୟତରେ ରାଜ୍ୟର ଜଣେ ସୁନାମଧନ୍ୟ ଚିତ୍ରକର ହେବାର ଲକ୍ଷ୍ୟ ରହିଛି।

**-ବନବିହାରୀ**











# ବିହନ ବ୍ୟାଙ୍କ

**ସୁ**ସ୍ଥ ଓ ନୀରୋଗ ରହିବା ପାଇଁ ଆଜିକାଲି ସମସ୍ତେ ଜୈବିକ ପଦ୍ଧତିରେ ଚାଷ ହେଉଥିବା ବିଭିନ୍ନ ଶସ୍ୟ ଓ ପନିପରିବାକୁ ବେଶି ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଜୈବିକ ଚାଷରେ ବ୍ୟବହୃତ ବିଭିନ୍ନ ଦେଶୀ ବିହନ ଦିନକୁ ଦିନଲୋପ ପାଇଯାଉଛି। ତେଣୁ ତାକୁ ସୁରକ୍ଷିତ ଭାବେ ସଂରକ୍ଷଣ କରିବାର ପ୍ରୟାସ କରିଛନ୍ତି କେତେକ ଗାଁର ଚାଷିମାନେ। ଏମାନେ ଏକାଠି ହୋଇ ଗଠନକରିଛନ୍ତି ଦେଶୀ ବିହନ ବ୍ୟାଙ୍କ। ଯାହାକି ଜୈବିକ ଚାଷପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିଥାଏ। ନୟାଗଡ଼ଜିଲାର ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ରାଇସର ଗାଁରେ ରହିଛି ଚାଷୀଙ୍କ ଏହି ବିହନ ବ୍ୟାଙ୍କ। ଏହି ବିହନ ବ୍ୟାଙ୍କରେ ସାରିଆଗେଟା, ଝୁମ୍ପୁରୀ, ବୌଦିଆଚମ୍ପା, ମାଗୁରା, କର୍ପୂରକେଳି, ବାୟାଭଣ୍ଡା, କସ୍ତୁରୀ ଚମ୍ପା, ମୟରକଣ୍ଠା, ରଙ୍ଗମାଛକଣ୍ଟା, ଭୂତିଆ, ଜଙ୍ଗଲୀଜଟା, କଳାଜିରା, ଗୋପାଳଭୋଗ, ତୁଳସୀ, ଚିନାମାଳି, ବର୍ଷା, ପାଉଁଜି, କଳାକୋଇଲି, ନୃପତିଭୋଗ, ମୁକୁସଲା, ଅଳନ୍ଧୁକୁଟା, ଲାଣ୍ଡି, କଜଳଚମ୍ପା, ବଡତୁଳସୀ ଆଦି ପ୍ରାୟ ୪୪ ପ୍ରକାରର ଦେଶୀ ଧାନ ଉପଲବ୍ଧ। କେବଳ ଧାନ ବିହନ କାହିଁକି ବରଂ ବିରି, ମୁଗ, ଚଣା, ରାଶି, ଜହ୍ନା, ଗୁରୁଚି, ସୁଆଁ, କାନ୍ଦୁଲ ଆଦି ଅନ୍ୟ ଶସ୍ୟ ଓ ପନିପରିବା ବିହନ ଉପଲବ୍ଧ । ମାତ୍ର ଏଠାରେ ବିଶେଷକରି ଏହି ବିହନ ବ୍ୟାଙ୍କରେ ଦେଶୀ ଧାନକୁ ପ୍ରାଧାନ୍ୟ ଦିଆଯାଉଛି । ଏହି ବିହନ ବ୍ୟାଙ୍କଙ୍କୁ ଗଠନ କରିଛନ୍ତି -ସରିଗଣ୍ଡା ପଞ୍ଚାୟତର ବରପଲି, ସାତଝରୀ, ଗୋଠସାହି ଓ ଅନ୍ଧାରକୋଟରେ, ଲକ୍ଷ୍ମୀପୁର ପଞ୍ଚାୟତ ଗମ୍ଭାରୀଖୋଲ, ଜାମୁସାହି, ରାଇସର, ବିଡାପାଜ ଓ ଝୁଙ୍କାମରାରେ, ଘୁଗୁଡିପଡା ପଞ୍ଚାୟତର କଦଳୀବାରି, ସିଲିଗାଡି, ଚମ୍ପାଦାଇ, ଖଜୁରିଡିହ, ଖଳିସାହି, ଖଣ୍ଡାଧାର, ଜାନିସାହି ଓ ରାଇମଡା ପରି ଅଞ୍ଚଳରେ ପ୍ରାୟ ୬୫୦ଜଣ ଚାଷୀ। ଚାଷୀମାନେ ଏହି ବିହନ ବ୍ୟାଙ୍କରେ ଦେଶୀ ଧାନକୁ ସଂରକ୍ଷଣ କରିବା ସହିତ ମାଗଣାରେ ବିହନ ନେଇଥାନ୍ତି। ଅମଳ ପରେ ବିହନର ୩ ଗୁଣା ବ୍ୟାଙ୍କକୁ ଦେଉଛନ୍ତି। ଏହାବାଦ ବିହନ ବ୍ୟାଙ୍କର ସଭ୍ୟମାନେ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିହନକୁ ମାଗଣାରେ ସଂଗ୍ରହକରି ଆଣୁଛନ୍ତି। ଏନେଇ ବରପାଲ୍ଲୀର ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁହନ୍ତି, 'ମାଟିହାଣ୍ଡିରେ ଦେଶୀ ଧାନ ରଖି ତା'ଉପରେ ପାଳ ପକାଇ ମାଟି ଲେପି ସଂରକ୍ଷଣ କରାଯାଉଛି । ସେହିପରି ଅନ୍ୟ ଖାଦ୍ୟଶସ୍ୟକୁ ମଧ୍ୟ ବିଭିନ୍ନ ଉପାୟରେ ସୁରକ୍ଷିତଭାବେ ସଂରକ୍ଷଣ କରି ରଖୁଛୁ ।' କାଞ୍ଚନ ବେହେରା କୁହନ୍ତି, '୨୦୧୭ମସିହାରୁ ଦେଶୀ ବିହନ ଏବଂ ଜୈବିକ ଚାଷପାଇଁ ବିହନବ୍ୟାଙ୍କ ନିମନ୍ତେ ଏକ ସଭା ହୋଇଥିଲା। ୨୦୧୮ରୁ ବିଭିନ୍ନ ବିହନ ସଂଗ୍ରହ କରି ସୁରକ୍ଷିତ ଓ ସଂରକ୍ଷଣ କରାଗଲା। ଗମ୍ଭାରୀଠାରେ ଏକ ବିହନ ମେଳାରେ ଆମେ ଯୋଗ ଦେଇଥିଲୁ। ଯାହା ଆମକୁ ଅଧିକ ପ୍ରେରଣା ଦେଇଥିଲା।'

**-ଲୋକନାଥମିଶ୍ର**







# ପରିଶୋଧ

**ମାନମୟୀ ରଥ**

**କେ**ମିତି ସାଙ୍ଗ ଦେଖ ପଇସା ଫେରେଇବାର ନାଁ ଧରୁନି । କେତେ ସାଧନରେ ତା' ପାଇଁ ପଇସା ଯୋଗାଡ କରିଥିଲା ଚପଳା ଭଗବାନ ଜାଣନ୍ତି । ଦେଲାବେଳେ ବଡ଼ ବିକଳ ହୋଇ ଚାହୁଁଥିଲା ପଇସା ତକ ସାଙ୍ଗର କାମରେ ଲାଗୁ । ଏବେ ସେ ନିଜେ ପଇସାକୁ ନେଇ ବଡ଼ ଦୁଃଖରେ । ଲୁହରେ ବାମ୍ଫେଇ ଯାଉଥିବା ଆଖିକୁ ପଣତରେ ପୋଛିଲା ସେ ।
ଗୁହାରୀ କରୁଥିଲା ବି କାହାକୁ ? କଳା ମୁଗୁନିର ଚିକ୍କଣ ଦେହରେ ମୁରୁକୁନ୍ଦିଆ ହସ ଝରାଉଥିବା କଳା କାହ୍ନୁକୁ। ପୁଣି ପିଲା ଦିନର ସାଙ୍ଗ ଅବିନାଶ ବିରୁଦ୍ଧରେ । ଟଙ୍କା ଦେଣନେଣରେ ସମ୍ପର୍କ ଫାଟେ ଓ କଟେ । ବଡ଼ ସୁକୁମାରିଆ ସାଂଘାତିକ କଥା ଏଇ ଟଙ୍କା ପଇସା । ଟିକିଏ ଫିଟିଗଲେ ସାଙ୍ଗ ଇଜ୍ଜତ ମହତର ଧଜିଆ ଉଡିବ। ନିଜେ ଚପଳା ସହିବ କି ? ହେଲେ ଅବିନାଶ ବି କେମିତି ! ବୁଲେଇ ବଙ୍କେଇ ପଇସା ଦରକାର ହେଉଛି କହିଲେ ବୁଝିଯିବା କଥା କି ନୁହେଁ !!

ବେପାର ହେଉନଥିଲା । ଯାହା ପଇସା ଢାଳୁଥିଲା ବେପାରରେ ଶିବେଇ ସାନ୍ତରାର ପଥର ଭଳି ଭାସି ଯାଉଥିଲା । ଏବେ ସମୟ ବଦଳିଛି । କୋଣାର୍କ ମନ୍ଦିରରୁ ଆହୁରି ଆଖିଦୃଶିଆ ହୋଇଛି ଅବିନାଶର ଉନ୍ନତି । କେଡ଼େ କେଡ଼େ ବ୍ୟାଙ୍କର ଲୋନ ଶୁଝିଲାଣି । ବିକି ଦେଇଥିବା ଟ୍ରକ ବଦଳରେ ଆଉ ଦୁଇଟା କିଣିଲାଣି । ବିଦା ହୋଇଯାଇଥିବା କାମିକା ପୁଣି ଚହଳ ପହଳ କଲେଣି । ଅଫିସ ଘର ବାଗେଇଲାଣି । ଝିଅକୁ ବି ଭଲ ଘର ଭଲ ବର ଦେଖି ବାହା ଦେଲାଣି । ଆଉ ଦୁଃଖ ପୁଣି କ'ଣ ରହିଲା ଯେ ନେଇଥିବା ପଇସାଟା ଖୁସି ଖୁସି ଫେରେଇବନି !! ସାଙ୍ଗଟେ ହୋଇ ମୁହଁ ଖୋଲି ଚପଳା ମାଗନ୍ତା ବି କେମିତି !

ସାଙ୍ଗ ସିନା କୋଟିପତି। ହଜାରର ଗଣତି ଭିତରେ ନିଇତି ବାଡେଇ ଛାତି ହେଉଛି ଏପଟ ଲୋକଟି । ସବୁଦିନିଆ ସୁନ୍ଦରିଆ ହସକୁ ମୁହଁରେ ଲେପି ଘରକୁ ଆସିଲେ ମିଠା ଦି କିଲୋ , ଫଳ କିଲେ, ହର୍ଲିକସ ଗୋଟାକରେ ବନ୍ଧୁ ବେଭାରକୁ ବାନ୍ଧିଥାଏ ଅବିନାଶ । ଦିନେ ବି ପଚାରିଲାନି ''ପଇସା କେଉଁଠୁ ଆଣିଲୁ ? ଗହଣା ବିକିରୁ ? କେଉଁଠୁ ସୁଧରେ ଆଣିଛୁ ? ପଲିସି କି ଏଫଡି ଭାଙ୍ଗିଛୁ ? ଯା' ଶୁଝିଦେ ସବୁ । ପାଖରେ ଢେର ପଇସା ହେଲାଣି ।'' ସେମିତି କିଛି ହୁଏନି । ଆସେ । ଖାଏ , ପିଏ । ଘର ଲୋକଙ୍କ ସହ ଦୁଃଖସୁଖ ହୋଇ ବାହାରିଯାଏ । ଘରଟା ଯାକ ଲୋକ ମୁଣ୍ଡେଇ ଥାଆନ୍ତି ତାକୁ । ତା' ସହ ଚପଳାର ବନ୍ଧୁତାକୁ । କେଜାଣି ପଇସା ନେବା କଥାଟି ଜାଣିଥିଲେ କ'ଣ ହୋଇଥାନ୍ତା !

ଭଲ ର୍ୟାଙ୍କ ହେଲାନି ପୁଅର । ପ୍ରାଇଭେଟରେ ବିଟେକ କରିବ । ଚାକିରୀ ସମୟ ସରି ସରି ଆସୁଛି ସ୍ୱାମୀଙ୍କର । ପେନସନ ନାହିଁ । ଝିଅ ହାଇସ୍କୁଲରେ ତଥାପି । ଘରେ ରୋଗୀ ଲୋକଙ୍କ ଅଦଉତି । ଔଷଧ ପଥିରେ ଘର ଡାକ୍ତରଖାନା ବାସୁଛି । ସବୁ ଜଣା ଅବିନାଶକୁ। ଓଲଟା କେତେ ଥର ଡାକ୍ତରଙ୍କ ପାଖକୁ ତା ଗାଡ଼ିରେ ନେଇଚି ଶାଶୁ ଶ୍ୱଶୁରଙ୍କୁ । ଅସୁବିଧା ଥିଲା । ପଇସାଟେ ହାତକୁ ଆସୁନଥିଲା । ସେତେବେଳେ ପଇସାଟା ଫେରାଉ ବୋଲି ମୁଣ୍ଡରେ କିଏ ଯେ ରଖିଥିଲା !– ଏବେ ବେପାର ଜମିଚି । ସୁଧ କିଏ ମାଗୁଛି ଭଲା ! ନଗଦ ଟଙ୍କାଟା ହାତକୁ ଆସିଲେ କେତେ କାମର ହୁଅନ୍ତା । ଅଭିମାନର କୋହ ଭର୍ତ୍ତି ହୋଇଗଲା ଚପଳା ଗଳାରେ । ଭାବି ହେଉନି କିଛି । ତେଣେ ପୁଅ ଜିଦ ଧରୁଛି ଯେମିତି ହେଲେ ପଢ଼ାଅ । ପରେ ଚାକିରି କରି ଋଣ ଶୁଝେଇବ । ଜମି ବାଡ଼ି ଅଛି ଯେ ବିକିବେ । ନିଅଣ୍ଟିଆ ପରିବାର। ମୋଟା ଅଙ୍କର ଜମା ନାହିଁ ବ୍ୟାଙ୍କ ଖାତାରେ । ଯାହା ଯେଉଁଠି ଥିଲା ପୋଛି ପାଛି , ଯା ତା'ଠୁ ଧାର କରି ଠାକୁରଙ୍କ ପାଦ ଛୁଆଁଇ ସାଙ୍ଗକୁ ଦେଇଥିଲା ନିଜ ଆଡୁ ଯାଚି ହୋଇ । କହିଥିଲା, ପାଖରେ ଥାଇ ଲାଭ କ'ଣରେ ଯଦି ମୋ ଆଖି ଆଗରେ ତୁ ପଇସା ପାଇଁ କଷ୍ଟ ପାଉଥିବାର ଦେଖୁଥିବି । ନାହିଁ ନାହିଁ କହି ରାଣ ନିୟମକୁ ମାନି ପଇସା ନେଇଥିବା ସାଙ୍ଗ ଏ ପଥର ହୃଦୟର କେମିତି ହେଇପାରୁଛି ! ଟଙ୍କା ପାଞ୍ଚ ଲକ୍ଷରେ କ'ଣ ଯୁଗ ପାହେ ? ପଇସା ପତ୍ର ନାହିଁ ବୋଲି ସିନା ଏ କନ୍ଦା କଟା । କାହାର ଉନ୍ନତିରେ କାହା ବିଷପକା ଆଖି। ସାଙ୍ଗଟି ? ସାଙ୍ଗର ଖୁସି ସେ କେମିତି ସହି ପାରୁନି ! ଭୋ ଭୋ ହୋଇ କାନ୍ଦି ପକେଇଲା ଚପଳା । ''ଥାଉ ପ୍ରଭୁ ସେ ଭଲରେ ଥାଉ । ମୋର କୁନଜର ତା ଉପରେ ନପଡୁ ।''ମୁଣ୍ଡରେ ଓଢଣା ଦେଇ ଠାକୁରଙ୍କ ପାଖରେ ପ୍ରଣତି ଢାଳି ଏତିକି ସେ କହିପାରିଲା ଏବଂ ଘରକୁ ଫେରିଲା ।

ଗେଣ୍ଡା ଭଳି ଆଖି ଫୁଲେଇଥିବା ଚପଳାର ମୁହଁକୁ ଘଡ଼ିଏ ଚାହିଁଲେ ସ୍ୱାମୀ । ''ସଞ୍ଜ ଦେବାକୁ ଯାଇଥିଲ ପରା ? କିଏ କ'ଣ କହିଲା ଯେ ଏତେ ଲୁହ ବୋହିଗଲା ??'' କିଛି ନ କହି ରୋଷେଇ ଘରକୁ ଚପଳା ପଶିଲା । ସଞ୍ଜ ଗଡିଲାଣି । ଚା' ହୋଇନି । ଚା' ସରଞ୍ଜାମ ଖୋଜିବା ଭିତରେ ଦେଖିଲା ସ୍ଲାବ ଉପରେ ଥୁଆ ହୋଇଛି ଗରମ ଜିଲାପି ଠୁଙ୍ଗାଏ । ତାର ଖୁବ ପ୍ରିୟ । ବାହାରକୁ ଆସି ପଚାରିଲା, ''ଜିଲାପି'' ???

''ଆରେ ତୁମ ସାଙ୍ଗ ଆଣି ଆସିଥିଲା । ଲାଗି ପଡ଼ି ଇଲେକ୍ଟ୍ରିକାଲ ଟ୍ରେଡ଼ରେ ଆଡମିଶନ କରେଇ ଦେଇଛି ପୁଅର । କନସେସନ୍ ମିଳିବ ବୋଲି ଆଗତୁରା ବାର ଲକ୍ଷ ଟଙ୍କା ଦେଇଆସିଛି । ତୁମେ ପରା ଅବିନାଶକୁ ଖୋଜିଲୋଡ଼ି ପଇସା ଦେଇଥିଲ ପୁଅ ପାଇଁ! ମୋତେ ତ କାହିଁ କହିନ ! ଯାହା କୁହ ଚପଳା ତୁମେ ଆମ ଘର ପାଇଁ ମହାଲକ୍ଷ୍ମୀ ଚଞ୍ଚଳା । ପୁଅର ଗୋଡ଼ ତଳେ ଲାଗୁନି ଆଉ ଖୁସିରେ । ଦୁହେଁ ଏଇଠି ଥିଲେ । ତୁମ ଆସିବାରେ ଡେରି ଦେଖି କୁଆଡେ ବାହାରିଗଲେ ।''

ଜିଲାପି ଖଣ୍ଡେ ପାଟିରେ ଦେଉ ଦେଉ ଲୁହ ପୁଣି ବହିଗଲା ଧାରେ ଚପଳା ଆଖିରୁ ।

*–ଅଧ୍ୟକ୍ଷା , ସେଣ୍ଟ ଜାଭିଅର କିଡ୍ସ,*
*ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*



# ହସ୍ତାକ୍ଷର

**–ସ୍ୱପ୍ନା ମିଶ୍ର**

**ତୋ**ର ଅକ୍ଷରମାନେ ମତେ ପ୍ରେମ କରିବା ଶିଖେଇଲେ,
ସେମାନଙ୍କୁ ମୁଁ ବେଶୀ ଭଲପାଏ,ତୋଠାରୁ ବି ବହୁତ ବେଶୀ।
ତୋ' ଗୋଲଗୋଲ ହାତଲେଖା ଅକ୍ଷରମାନଙ୍କୁ ଛୁଇଁବା ତ ଯେମିତି
ହାତ ବଢେଇ ଆଙ୍ଗୁଳି ଟିପରେ ଆକାଶର ତାରା ମାନଙ୍କୁ ଛୁଇଁବା,
ଶିହରିତ ହେବା,
କଅଁଳା ଛୁଆକୁ ଛାତିରେ ଯାକିବା ଆଉ ଆବେଗର କାକରରେ ଓଦା
ହୋଇଯିବା।
ଆମ କଳ୍ପନାର ସେ ଜଙ୍ଗଲ,
ଝରଣା,ବଡ ବଡ ଗଛ ତଳେ ସେ ପଥରର ଚଟାଣ,
କବିତାର ଭାଷାରେ ପକ୍ଷୀମାନଙ୍କ କିଚିରୀମିଚିରି ତୋର ମନେଥିବ।
ଆମେ ସିନା ପହଞ୍ଚି ପାରିଲେନି ସେଠି, ହେଲେ ତୋ' ହାତର ଅକ୍ଷର
ମାନେ ଏବେ ସେଇଠି ରହୁଛନ୍ତି।
ପ୍ରେମ ବିଷୟରେ ତ ମୁଁ ବେଶୀ କିଛି ଜାଣିନି
କିନ୍ତୁ କାଗଜ ଉପରେ ତୋ କଲମର ପ୍ରତିଟି ଚିହ୍ନକୁ ପ୍ରେମପତ୍ର ବୋଲି
ଭାବି ନେଇଛି।
ଜୀବନର ସବୁ ଅକୁହା କଥାକୁ ସେ ଅକ୍ଷରର ଦର୍ପଣରେ ଦେଖିଚି।
ଆମ ଦୁହିଁଙ୍କ ଦେହ ପରି ଜଙ୍ଗଲର ସେ ପଥର ଚଟାଣ ଉପରେ ଅକ୍ଷର
ମାନେ ଶୋଇଛନ୍ତି ପାଖାପାଖି,
ଯଦି କେଉଁଦିନ ସେମାନେ ଅଚାନକ ଡାକି ଦେବେ ତ
ନଦୀ ନାଳ, ବଣ ପାହାଡ
ସବୁ ଲଙ୍ଘିଯିବି।

*–ପ୍ଲଟ ନମ୍ବର ୮୬୩/ ୮୬୪ ଘାଟିକିଆ , ଭୁବନେଶ୍ୱର*
*ମୋ: ୯୪୩୭୩୨୮୮୧୭*





କ୍ରିତି

# ଭାଗ୍ୟବତୀ କ୍ରିତି

ସତରେ, ଯାକୁ ହିଁ କହନ୍ତି, ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା । ଦେଖୁନାହାନ୍ତି, ଏପଟେ କେମିତି ଗୋଟିଏ ପରେ ଗୋଟିଏ ଫିଲ୍ମ ଅଫର ମିଳିବା ସହ ସେପଟେ ୱେବ୍ ସିରିଜରେ ପ୍ରଯୋଜନା ଏବଂ ଅଭିନୟକୁ ଜାରି ରଖିଛନ୍ତି । ହଁ, ସେ ହେଲେ କ୍ରିତି ସାନନ୍ । ବର୍ତ୍ତମାନ ସେ ଅନୁରାଗ କଶ୍ୟପଙ୍କ ନିର୍ଦ୍ଦେଶନାରେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି । କେବଳ ସେତିକି ନୁହେଁ, ଅମିତ ଜୋଷୀ ଏବଂ ଆରାଧନା ଶ'ଙ୍କ ମିଳିତ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଆଉ ଏକ ସିନେମାର ସେ ଶାହୀଦ କପୁରଙ୍କ ନାୟିକା ସାଜିବେ । ଏ ନେଇ କ୍ରିତି କହନ୍ତି, 'ଏହି ଦୁଇଟି ସିନେମାର ଟାଇଟଲ ଏ ପର୍ଯ୍ୟନ୍ତ ଫାଇନାଲ ହୋଇନାହିଁ । ଫିଲ୍ମଦ୍ୱୟରେ ମୋତେ ଭିନ୍ନ ଭିନ୍ନ ଚରିତ୍ର ମିଳିଛି ଏବଂ ତାହାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ଏବେଠାରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି । ଏହାବ୍ୟତୀତ ଆଉ ଦୁଇଟି ସିନେମାରେ ଅଭିନୟ କରିବାର ଯୋଜନା ରହିଛି । ସତକଥା କହିବାକୁ ଗଲେ ଏବେ ମୋ ପ୍ରତି ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି ।' ଏହାବ୍ୟତୀତ ଏକ ରହସ୍ୟରୋମାଞ୍ଚଭରା ୱେବ୍ ସିରିଜ 'ଦୋ ପତି'ର ସେ ପ୍ରଯୋଜନା କରୁଛନ୍ତି । କେବଳ ସେତିକି ନୁହେଁ, ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି । ଏହି ୱେବ୍ ସିରିଜ୍ ଏବେ ବେଶ୍ ଦର୍ଶକାଦୃତ ହୋଇପାରିଛି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶଶାଙ୍କ ଚର୍ତୁବେଦୀ ।

# ତୋ ପାଇଁ ମୁଁ ଗାଉଚି ଗୀତ

ଏକ ଭିନ୍ନ ଧରଣର ଟିନ୍-ଏଜ୍ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ତୋ ପାଇଁ ମୁଁ ଗାଉଚି ଗୀତ' । ଗୀତରେ ଅନେକ କଥା କହିହୁଏ । ଆଉ ସେହି ଗୀତ ଦ୍ୱାରା ଜଣେ କିପରି ନିଜ ମନର ମାନସୀର ହୃଦୟକୁ ଜିତି ପାରୁଛି ଆଉ ପରବର୍ତ୍ତୀ ସମୟରେ ଦୁହିଁଙ୍କର ଏହି ପ୍ରେମର ନୌକା କିପରି ସମୟର ତାଳେ ତାଳେ ଭାସି ଆଗକୁ ଆଗଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ । ଉକ୍ତ ନୂଆ ସିନେମାର କାହାଣୀ ରଚନା କରିଛନ୍ତି ବିଶିଷ୍ଟ ଖଳ ଅଭିନେତା ଅସୀତ ପତି । ଏହାକୁ ଆଧାର କରି ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ । ଖାସ୍ କଥା ହେଲା, ଆରୋହି ମିଡିଆ ହାଉସ୍ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ସୁମନ୍ତ କୁମାର ସଥ । ଡା. ନିର୍ମଳ ନାୟକଙ୍କ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର । ଅଶ୍ୱିନୀ ଗଡନାୟକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଥିବା ତଥା ନିକଟରେ ମହୁରତ ଅନୁଷ୍ଠିତ ହୋଇଥିବା ଏହି ଫିଲ୍ମର ନାୟକ ଛତିଶଗଡି ଅଭିନେତା ଆକାଶ ସୋନି ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ବଙ୍ଗୀୟ ଅଭିନେତ୍ରୀ ଡୋନା ସାମନ୍ତ । ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ଅସୀତ ପତି ଏବଂ ପ୍ରଦ୍ୟୁମ୍ନ ଲେଙ୍କାଙ୍କ ପରି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ ।



ଆକାଶ ସୋନି

# ଆକ୍ସନ ମୋଡ୍‌ରେ ଆଲିୟା

ଆଲିୟା ଭଟ୍ଟ ଏବେ ଭାରି ଖୁସି । କଥା କ'ଣ କି ଆଲିୟା ଏବେ ଏକ ନୂଆ ସିନେମା ସାଇନ୍ କରିଛନ୍ତି । ଅଫର୍‌ଟି ପାଇବା ପରେ ତ ସେ ବେଶ୍ ଖୁସି ହେଇଥିଲେ, ଯେତେବେଳେ ଏଥିରେ ନିଜ ଭୂମିକା ବିଷୟରେ ଅବଗତ ହେଲେ ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଇଥିଲା । ଉକ୍ତ ଫିଲ୍ମଟି ହେଉଛି 'ଆଲଫା' । ଆକ୍ସନ-ସସ୍‌ପେନ୍ସ ଭରା ଏହି ଫିଲ୍ମରେ ଆଲିୟାଙ୍କୁ ଏକ ଭିନ୍ନ ରୂପରେ ଦର୍ଶକ ଦେଖିବାକୁ ପାଇବେ । ହେଲେ ସେହି ଭୂମିକାଟି କ'ଣ ତାହା ଏବେ ଠାରୁ ଜଣାଇବାକୁ ପ୍ରସ୍ତୁତ ନୁହନ୍ତି ଏହି ଅଭିନେତ୍ରୀ । ଯେତେବେଳେ ଫିଲ୍ମଟି ରିଲିଜ ହେବ ସେତେବେଳେ ପରଦା ଉପରେ ତାଙ୍କୁ ଦେଖିଲେ ମନରେ ଉଙ୍କି ମାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ପାଇଯିବେ ବୋଲି କହନ୍ତି ଆଲିୟା । ଯଶରାଜ ଫିଲ୍ମସ ବ୍ୟାନରେ ଏହାର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା । ଏହି ସିନେମାରେ ଆଲିୟାଙ୍କ ବ୍ୟତୀତ ଶର୍ବରୀ ୱାଘ ଏବଂ ବବି ଦେଓଲ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ । ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଶିବ ରାୱଲି ।



ଆଲିୟା

# ନବୀନରୁ ଯଶ

କନ୍ନଡ ଫିଲ୍ମ ଜଗତରେ ଯଶ କେତେ ଲୋକପ୍ରିୟ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । କେଜିଏଫ ଫେମ୍ ଏହି ଅଭିନେତା ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିସାରିଛନ୍ତି । ତେବେ ତାଙ୍କର ପ୍ରକୃତ ନାମ ଥିଲା ନବୀନ କୁମାର ଗୌଡା । ହେଲେ ଯେତେବେଳେ ସେ ଅଭିନୟ ଦୁନିଆରେ ପାଦ ଦେବାକୁ ଆଗ୍ରହ ରଖିଲେ, ସେତେବେଳେ ନିଜ ନାମକୁ ପରବର୍ତ୍ତନ କରି ଯଶ ରଖିଥିଲେ । କର୍ଣ୍ଣାଟକର ହାସନ ଜିଲ୍ଲାରେ ଜନ୍ମିତ ଏହି ଅଭିନେତାଙ୍କ ପିଲାଦିନ ମହୀଶୂରରେ କଟିଥିଲା । ତାଙ୍କର ବାପା ଜଣେ ବସ୍ ଡ୍ରାଇଭର ଥିଲେ ଏବଂ ମା' ଥିଲେ ଗୃହିଣୀ । ପିଲାଟି ଦିନରୁ ତାଙ୍କର ଅଭିନୟ ପ୍ରତି ରୁଚି ରହିଥିଲା । ପାଠ ପଢ଼ା ଶେଷ ହେବା ପରେ ସେ ଏକ ଥିଏଟର ଗ୍ରୁପ୍‌ରେ ଯୋଗ ଦେଇଥିଲେ । ଟିଭି ରିୟାଲିଟି ଶୋ'ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା । ତା'ପରେ ସେ କେତୋଟି ସିନେମାରେ ଛୋଟ ଭୂମିକାରେ ଅଭିନୟ କରିଥିଲେ । ୨୦୧୦ରେ ନିର୍ମିତ କନ୍ନଡ ଫିଲ୍ମ 'ମୋଡାଲଶାଲା'ରେ ସେ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ ଆଉ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ନିଜ ଦୀର୍ଘଦିନର ପ୍ରେମିକା ତଥା ଅଭିନେତ୍ରୀ ରାଧିକାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ।



ଯଶ

# ଟାଟୁ ରହସ୍ୟ

ନିକଟରେ ଦିଶା ପଟାନିଙ୍କ ବାହୁରେ ଦେଖିବାକୁ ମିଳିଛି ଏକ ଟାଟୁ । ଯେଉଁଥିରେ ଲେଖାଯାଇଛି 'ପିଡି' । ଏହି ଟାଟୁକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ଅନୁମାନ କରାଯାଉଛି ସେ ଏବେ ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କୁ ଡେଟ୍ କରୁଛନ୍ତି । କଲ୍‌କି ୨୮୯୮ଏଡିରେ ଦିଶାଙ୍କ କୋ-ଷ୍ଟାର ଥିଲେ ପ୍ରଭାସ । ଦିଶାଙ୍କର ଟାଇଗର୍ ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ ହେବା ପରଠାରୁ ତାଙ୍କ ପର୍ସନାଲ ଲାଇଫ୍ ତଥା ସେ ଏବେ କାହାକୁ ଡେଟ୍ କରୁଛନ୍ତି ସେନେଇ ସମସ୍ତଙ୍କ ମନରେ ଥିଲା ଉତ୍କଣ୍ଠା । ଏମିତିରେ ଦିଶାଙ୍କ ହାତର ଟାଟୁ, ପ୍ରଭାସଙ୍କ ସହ ଡେଟିଂ କରୁଥିବାର ଗୁଜବ ସୃଷ୍ଟି କରିଛି । ଅନେକେ ଅନୁମାନ କରୁଛନ୍ତି ଯେ, ଏହା ହେଉଛି ପ୍ରଭାସ ଓ ଦିଶାଙ୍କ ପ୍ରଥମ ଲେଟରର ଟାଟୁ । ତେବେ ଦିଶା ଯେବେ ଜାଣିଲେ ଯେ ତାଙ୍କ ଟାଟୁକୁ ନେଇ ଫ୍ୟାନ୍‌ମାନଙ୍କ ଭିତରେ ଏତେ ଉତ୍କଣ୍ଠା । ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କଲେ ଯେ, 'ମୋର ଏହି ଟାଟୁ ପଛରେ କି ରହସ୍ୟ ଅଛି ସମସ୍ତେ ପରେ ଜାଣିପାରିବେ ।' ଏଭଳି ପୋଷ୍ଟ ପରେ ଫ୍ୟାନଙ୍କ ଭିତରେ ଟାଟୁ ପଛର ରହସ୍ୟ ଜାଣିବା ପାଇଁ ଉତ୍କଣ୍ଠା ଆହୁରି ବଢି ଯାଇଛି ।



ଦିଶା



ପ୍ରିୟଙ୍କା

# ମନେ ପକାନ୍ତି ପ୍ରିୟଙ୍କା

ଶାହରୁଖ-ଐଶ୍ୱର୍ଯ୍ୟା ରାୟ, ଅମିତାଭ ବଚ୍ଚନଙ୍କ ଦ୍ୱାରା ଅଭିନୀତ ତଥା ଯଶ ଚୋପ୍ରାଙ୍କ ପ୍ରଯୋଜିତ ସୁପରହିଟ୍ ଫିଲ୍ମ 'ମୋହବତେଁ'କୁ ଏବେ ବି ପ୍ରିୟଙ୍କା ଚୋପ୍ରା ମନେ ପକାଇଥାଆନ୍ତି । କାରଣ ଏହି ଫିଲ୍ମରେ ଅଭିନୟ କରିବାକୁ ପ୍ରଥମେ ତାଙ୍କୁ ଅଫର ମିଳିଥିଲା । କିନ୍ତୁ ସେ ଏଭଳି ସୁଯୋଗକୁ ହାତଛଡା କରିଥିଲେ । ଏ ନେଇ ସେ କହନ୍ତି, 'ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାଏ । ଯଶ ସାର୍ ମୋତେ ଏହି ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ । ସେତେବେଳେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବାରୁ ଫିଲ୍ମ ଶୁଟିଂ ପାଇଁ ସମୟ ଦେଇପାରି ନ ଥିଲି । ତେଣୁ ଏପରି ବଡ ଅଫରଟିକୁ ବାଧ୍ୟ ହୋଇ ହାତଛଡା କରିଥିଲି । ଏବେ ବି ସେକଥା ମନେ ପଡିଲେ ଦୁଃଖ ଲାଗେ ।'' ଯଦି ସେତେବେଳେ ପ୍ରିୟଙ୍କା ଏହି ଅଫରକୁ ଗ୍ରହଣ କରିଥାଆନ୍ତେ ତେବେ ତାହା ତାଙ୍କର ପ୍ରଥମ ହିନ୍ଦୀ ସିନେମା ହୋଇଥାଆନ୍ତା । ପରେ ଏହି ଭୂମିକା ପାଇଁ ଶିଳ୍ପା ସେଟ୍ଟିଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା । ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହୀରୋ : ଲଭ୍ ଷ୍ଟୋରି ଅଫ ଏ ସ୍ପାଏ' ।

# କ୍ଷଣିକ ରୁଷାକୁ ଚେନାଏ ହସ, ଭାରି ଅଡୁଆ ଏ ପ୍ରେମର ଫାଶ

**ପ୍ରଶ୍ନ**—ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ? *—ପ୍ରୀତମ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** କଥାରେ ଅଛି—ସମଝଦାର୍ ଆଦ୍‌ମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ‘ କ୍ଷଣିକ ରୁଷାକୁ ଚେନାଏ ହସ, ଭାରି ଅଡୁଆ ଏ ପ୍ରେମର ଫାଶ’। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା’ ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**—ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ’ଣ କରିବି ? *—ଅମିତ୍ ବେହେରା, ବ୍ରହ୍ମପୁର*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ଥିବ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା’ ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**—ପ୍ରେମ ନିଶା କ’ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ’ଣ କଲେ ଠିକ୍ ହେବ ? *—ଜ୍ୟୋତି ପ୍ରକାଶ, ସୋନପୁର*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଶେଷ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**—ଜଣେ ଝିଅକୁ ମୁଁ କେତେ ଥର ‘ଆଇ ଲଭ୍ ୟୁ’ କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହୁନି କାହିଁକି ? *—ଅମୀୟ କୁମାର, ରାଉରକେଲା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା ‘ଆଇ ଲଭ୍ ୟୁ’କୁ ତର୍ଜମା କରୁଛି। ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**—ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ’ଣ କରିବି ? *—ଜିତେନ ସାହୁ, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି—ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଜଗରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି.. କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା’ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ସେ ପଢ଼ିବାକୁ ଚେଷ୍ଟା କରିବେ।




## ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ପ୍ରେସର କୁକର୍ କିଣିଥିଲି



କବି, ବ୍ୟଙ୍ଗକାର **ସରୋଜ କୁମାର ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନିମ୍ନ ମଧ୍ୟବିତ୍ତ ପରିବାରରେ ଜୀବନ ଜୀବିକାର କଥା ଯେବେ ମନକୁ ଆସେ ସେତେବେଳେ ‘ରୋଜଗାର’ ଶବ୍ଦ ବାଧ୍ୟ ବାଧକତା ପାଲଟି ଯାଇଥାଏ ଆମ ପାଇଁ। ରୋଜଗାରଟିଏ ମିଳିଗଲା ପରେ ଜୀବନର ଗତିପଥ ଆପଣାଛାଏଁ ବଦଳିଯାଏ। ମୋ ଭାଗ୍ୟରେ ମଧ୍ୟ ସେହିପରି କିଛି ଘଟିଥିଲା, ଯେତେବେଳେ ହାତକୁ ମୋର ପ୍ରଥମ ରୋଜଗାର ଆସିଥିଲା। ବାପାଙ୍କ ଦେହାବସାନ ପରେ ବଡ଼ଭାଇଙ୍କ ତତ୍ତ୍ୱାବଧାନରେ ସ୍ନାତକ ଡିଗ୍ରୀ ହାସଲ କଲା ପରେ ନିଜ ଗୋଡ଼ରେ ଠିଆ ହେବା ପାଇଁ ଚେଷ୍ଟା ଜାରି ରଖିଲି। ଅନେକ ସରକାରୀ, ବେସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ପାଇଁ ପରୀକ୍ଷା ଓ ସାକ୍ଷାତ୍‌କାର ଦେଇସାରିଲା ପରେ ସୌଭାଗ୍ୟ କ୍ରମେ ୧୯୯୦ ମସିହାରେ ‘ହକିନ୍ସ କୁକର୍ସ ଲିମିଟେଡ’ରେ ନିଯୁକ୍ତି ପାଇଲି। ସେତେବେଳର ଖୁସି କହିଲେ ନ ସରେ। ଯେହେତୁ ମୁଁ ଉତ୍ପାଦ ବିକ୍ରି ସମ୍ବନ୍ଧିତ କାର୍ଯ୍ୟରେ ଥିଲି ମୋତେ ଗୋଟିଏ ମାସ ଭିତରେ ଅନ୍ୟୂନ ତିନି ଗୋଟି ଜିଲା ବୁଲିବାକୁ ପଡୁଥିଲା। ଏହିଠାରୁ ମୋ ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା ; ଯେଉଁଠାରେ ମୁଁ ନିଜ ଗୋଡ଼ରେ ଠିଆ ହେବାର ଉତ୍ସାହ ଏବଂ ଆତ୍ମବିଶ୍ୱାସ ଫେରି ପାଇଲି। ମାସ ପୂରିଲା, ଭ୍ରମଣ ଭତ୍ତା, ଯାତାୟାତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭତ୍ତା ସହିତ ପ୍ରାୟ ୯୦୦୦ରୁ କିଛି କମ୍ ଟଙ୍କା ମିଳିଲା। ସେତେବେଳେ ଅନ୍‌ଲାଇନ ଟ୍ରାନ୍ସଫର ବ୍ୟବସ୍ଥା ନ ଥିଲା। ଏତେଗୁଡ଼ିଏ ଟଙ୍କା ହାତରେ ତାହା ପୁଣି ନଗଦ ଆକାରରେ ; ଯାହା ମୋ ପାଇଁ ଅବିଶ୍ୱସନୀୟ ଥିଲା। ଖୁସିରେ ଗୋଡ଼ ତଳେ ଲାଗୁ ନ ଥାଏ। ସେତେବେଳେ ମୁଁ ବଡ଼ଭାଇଙ୍କ ପାଖରେ ଭୁବନେଶ୍ୱରରେ ରହୁଥାଏ। ଅଫିସ କାମ ସାରି ଘରକୁ ବାହାରିଲି। ସାଙ୍ଗରେ ପାଞ୍ଚ ଲିଟର ବାଲା ଗୋଟେ ହକିନ୍ସ ପ୍ରେସର କୁକର୍ ଧରି ଭାଇଙ୍କ କ୍ୱାର୍ଟରରେ ପହଞ୍ଚିଲି। ବଡ଼ଭାଇ ଆମ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଆମେ ତିନି ଭାଇ, ଭାଉଜ ଓ ଭଉଣୀ ତାଙ୍କରି ଅନ୍ନରେ ପ୍ରତିପାଳିତ ଥିଲୁ। ମୁଁ ଆଗାମୀ ଗୋଟେ ମାସ ଚଳିବା ପାଇଁ ଖର୍ଚ୍ଚ ଏବଂ କିଛି ଟଙ୍କା ସଞ୍ଚୟ ଖାତାରେ ରଖି ଅବଶିଷ୍ଟ ଟଙ୍କା ଭାଉଜଙ୍କ ହାତକୁ ବଢ଼େଇ ଦେଇଥିଲି। ପ୍ରଥମ ରୋଜଗାରର ଅନୁଭୂତି ସବୁବେଳେ ଅଦ୍ଭୁତ ଏବଂ ସ୍ମରଣୀୟ ହୁଏ। ଏହା ଅଭିଜ୍ଞତାର ଏକ ନୂଆ ଅଧ୍ୟାୟ ଏବଂ ନିଜ କଷ୍ଟର ପ୍ରଥମ ଫଳ ଭାବରେ ଏକ ସୁଖଦ ଅନୁଭୂତି ଆଣିଥିଲା ମୋ ଜୀବନରେ। ମାତ୍ର ମୋର ପରବର୍ତ୍ତୀ ରୋଜଗାର କଥା ଏଠି ନ କହିଲେ ମୋ ପ୍ରଥମ ରୋଜଗାରର ଅନୁଭୂତି ପ୍ରାସଙ୍ଗିକତା ହରେଇବ ବୋଲି ମୁଁ ମନେକରେ। ପ୍ରାୟ ଏକ ବର୍ଷ ପରେ ସେହି ସଂସ୍ଥାର କାମରେ ମୁଁ ବରଗଡ଼ ଜିଲାରେ ଥାଏ। ହଠାତ୍ ସନ୍ଧ୍ୟାରେ ସେଠାକାର ଡିଲରଙ୍କ ପାଖକୁ ମୋ ବଡ଼ଭାଇ ଫୋନ କଲେ। ସେ ସମୟରେ ମୋବାଇଲ ନ ଥାଏ। ମୋତେ କହିଲେ ଯେ, ତୋର ସରକାରୀ ଚାକିରି ପାଇଁ ପୋଷ୍ଟିଂ ଲେଟର ଆସିଛି। ତୁ ଶୀଘ୍ର ଆସି ଜଏନ୍ କର। ଅଗତ୍ୟା ମୁଁ ସରକାରୀ ଚାକିରି ଲୋଭରେ ଉକ୍ତ ସଂସ୍ଥାରୁ ଇସ୍ତଫା ଦେଇ ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ଅଧୀନରେ ସେହି ଭୁବନେଶ୍ୱରରେ ଲାଇବ୍ରେରିଆନ ଭାବେ ଯୋଗଦେଲି ୧୯୯୨ ଫେବୃଆରୀ ମାସରେ। ମାସ ପୂରିଲା, ହାତକୁ ଦରମା ଆସିଲା ମାତ୍ର ୨୭୧୩ ଟଙ୍କା। ଟଙ୍କା ଗଣି ପକେଟରେ ରଖିଲାବେଳକୁ ମୋ ଆଖି ଛଳଛଳ ହୋଇଯାଇଥିଲା। ସରକାରୀ ଚାକିରି ଲୋଭରେ ୯୦୦୦ରୁ ୨୭୦୦କୁ ଖସି ଆସିବାଟାକୁ ମୁଁ ଏତେ ସହଜରେ ଗ୍ରହଣ କରି ପାରୁ ନ ଥାଏ। ଏତେ କମ୍ ଟଙ୍କାରେ ମୁଁ ଚଳିବି କେମିତି। ଭାବିଲି ଏ ଚାକିରି ଛାଡି ପୁଣି ସେହି ହକିନ୍ସ କମ୍ପାନୀରେ ଜଏନ୍ କରିଯିବି। ଠିକ୍ ଏହି ସମୟରେ ଆମ ଅଫିସ୍‌ର ବରିଷ୍ଠ କିରାଣି ମୋତେ ଲକ୍ଷ୍ୟ କରୁଥିଲେ। ଟିକେ ହସିଦେଇ ମୋତେ ପଚାରିଲେ ସରକାରୀ ଚାକିରିର ପ୍ରଥମ ଦରମା ପାଇଲ! ଖୁସି ହେବା ପରିବର୍ତ୍ତେ ଏମିତି ମନଦୁଃଖ କ’ଣ ପାଇଁ? ମୁଁ ତାଙ୍କୁ ମୋ ପୂର୍ବ ଚାକିରିର ଉପାର୍ଜନ କଥା କହିଲି। ସେ ସବୁ ଶୁଣି ମୋ ପିଠି ଥାପୁଡ଼େଇ ମୋତେ ଚା’ ପିଇବାକୁ ଡାକିନେଲେ ଏବଂ କଥା ଛଳରେ ଅନେକ ଉପାଦେୟ କଥା କହି ପ୍ରବୋଧନା ଦେଲେ। ସହକର୍ମୀ, ପରିବାର ଓ ସାଙ୍ଗସାଥୀଙ୍କ ପରାମର୍ଶରେ ମୁଁ ସେହି ଚାକିରିରେ ରହି, ଲୋକସମ୍ପର୍କ ଅଧିକାରୀ ଭାବେ ପଦୋନ୍ନତି ପାଇ ଆଜି ଜୟଦେବ ଭବନର ପରିଚାଳକ ଭାବେ କାର୍ଯ୍ୟରତ। ତା’ସହିତ ଲେଖାଲେଖିରେ ବି ମୋର ବିଶେଷ ରୁଚି ରହିଛି। ଖାସ୍‌କରି ରମ୍ୟରଚନା ଓ ବ୍ୟଙ୍ଗ କବିତା ଲେଖିବାକୁ ମୋତେ ଭଲ ଲାଗେ। ୟା’ ଭିତରେ ମୋ ଲିଖିତ ୩ଟି ବ୍ୟଙ୍ଗ ସଂକଳନ ଓ ୧ଟି ରମ୍ୟରଚନା ପୁସ୍ତକ ପ୍ରକାଶିତ ହୋଇ ପାଠକାଦୃତ ହୋଇସାରିଛି। ତେବେ ସେ ଯାହାବି ହେଉ ପ୍ରଥମ ରୋଜଗାରର ସେହି ମିଠା ସ୍ମୃତି ମୋ ଜୀବନରେ ସର୍ବଦା ସ୍ମରଣୀୟ ରହିଛି ଓ ରହିଥିବ ଏବଂ ମୋତେ ଆଗକୁ ଆତ୍ମବିଶ୍ୱାସ ଓ ଦୃଢ଼ତାର ସହ କାମ କରିବାକୁ ପ୍ରେରଣା ଯୋଗାଉଥିବ ।



# ଅଲିମ୍ପିକ୍ସ କିଛି କଥା



**ପ୍ୟାରିସ୍‌ରେ ଚାଲିଛି ଖେଳର ମହାକୁମ୍ଭ ଅଲିମ୍ପିକ୍ସ ୨୦୨୪। ୨୦୬ଟି ଦେଶର ୧୦,୭୧୪ଜଣ ଆଥଲିଟ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଖେଳାଳିମାନେ ନିଜର ଶତ ପ୍ରତିଶତ ଦେଇ ଦେଶ ପାଇଁ ମେଡାଲ ସାଉଁଟିବାରେ ଲାଗିଛନ୍ତି। ସାରା ପୃଥିବୀରେ ଦେଖିବାକୁ ମିଳୁଛି ଅଲିମ୍ପିକ୍ସର କ୍ରେଜ। ତେବେ ଜାଣନ୍ତି କି ଏହି ଅଲିମ୍ପିକ୍ସର ଆରମ୍ଭ କେବେ ଓ କେଉଁଠି ହୋଇଥିଲା ? ଆଉ ଏହାକୁ ନେଇ କ'ଣ ସବୁ ରୋଚକ କଥା ଜଡ଼ିତ ରହିଛି...**

**୧୫୦୦ ବର୍ଷ ଯାଏ ବନ୍ଦ ଥିଲା ଅଲିମ୍ପିକ୍ସ:**ପ୍ରାଚୀନ ଅଲିମ୍ପିକ୍ସର ଆରମ୍ଭ ଖ୍ରୀ.ପୂ. ୭୭୬ରେ ହୋଇଥିବା କୁହାଯାଏ। ସେତେବେଳେ ପ୍ରତିଯୋଗିତା ୬ ମାସ ପର୍ଯ୍ୟନ୍ତ ଲାଗି ରହୁଥିଲା। ଅଲମ୍ପିଆ ପର୍ବତରେ ଖେଳା ଯାଉଥିବାରୁ ଏହାର ନାମ ଅଲିମ୍ପିକ ରଖାଯାଇଥିବା କୁହାଯାଏ। ବକ୍ସିଂ, ଲଙ୍ଗ ଜମ୍ପ, ଜାଭେଲିନ, ରେସଲିଂ, ଡିସକସ୍, ରଥ୍ ରେସ୍ , ଅଶ୍ୱ ଚାଳନା ଆଦି ଖେଳ ଏଥିରେ ଅନ୍ତର୍ଭୁକ୍ତ ଥିଲା। ଖେଳର ବିଜେତାଙ୍କୁ କବିତା ଓ ମୂର୍ତ୍ତି ମାଧ୍ୟମରେ ପ୍ରଶଂସିତ କରାଯାଉଥିଲା। ପ୍ରତି ଚାରିବର୍ଷରେ ହେଉଥିବା ଏହି ଖେଳର ବର୍ଷକୁ ଅଲିମ୍ପିଆଡ଼ କୁହାଯାଉଥିଲା। ସେତେବେଳେ ଏହା ଏତେ ଲୋକପ୍ରିୟ ଥିଲା ଯେ, ରାଜ୍ୟ ରାଜ୍ୟ ଭିତରେ ଯୁଦ୍ଧ ସ୍ଥଗିତ ରହୁଥିଲା। ତେବେ ୩୯୩ ଏଡି ବେଳକୁ ରୋମ୍‌ର ସମ୍ରାଟ ଥିଓଡୋସିଅସ ପ୍ରଥମ ଗ୍ରୀକ୍ ଅଲିମ୍ପିକ୍‌କୁ ନିଷିଦ୍ଧ କରିଦେଇଥିଲେ। ତାଙ୍କ ମତରେ ଅଲିମ୍ପିକ ପାଗାନମାନଙ୍କ (ଚତୁର୍ଥ ଶତାବ୍ଦିରେ ରୋମର ଖ୍ରୀଷ୍ଟିୟାନମାନେ ଏକରୁ ଅଧିକ ଭଗବାନଙ୍କୁ  ପୂଜା କରୁଥିବା କିମ୍ବା ଇହୁଦୀ ଧର୍ମ ବ୍ୟତିତ ଅନ୍ୟଧର୍ମକୁ ବିଶ୍ୱାସ କରୁଥିବା ବ୍ୟକ୍ତିଙ୍କୁ ପାଗାନ  କହୁଥିଲେ) ଉତ୍ସବ। ତେଣୁ ଏହାର ସ୍ଥାନ ତାଙ୍କ ଖ୍ରୀଷ୍ଟିୟାନ ଦେଶରେ ନାହିଁ। ଫଳରେ ଅଲିମ୍ପିକ୍ସର ଅନ୍ତ ଘଟିଲା। ଏହାର ଦୀର୍ଘ ୧୫୦୦ ବର୍ଷ ପରେ ୧୮୯୬ ମସିହାରେ ବାରୋନ ପିଏରେ ଡି କୁବରଟିନ ନାମକ ଜଣେ ବ୍ୟକ୍ତି ଏହାର ପୁନରୁଦ୍ଧାର କରିଥିଲେ। ସେ ଏହି ଇଭେଣ୍ଟକୁ 'ମଡର୍ନ ଅଲିମ୍ପିକ୍ସ'ର ନାମ ଦେଇଥିଲେ ; ଯାହା କି ଏ ପର୍ଯ୍ୟନ୍ତ ଚାଲିଛି।

**ମହିଳାଙ୍କୁ ମିଳିଲା ସୁଯୋଗ:**ପୂର୍ବେ ମହିଳାମାନଙ୍କୁ ଅଲିମ୍ପିକ୍ସରେ ଭାଗ ନେବାର ଅଧିକାର ନ ଥିଲା। ୧୯୦୦ ମସିହାରୁ ମହିଳାଙ୍କୁ ଅଲିମ୍ପିକ୍ସରେ ଭାଗ ନେବାର ଅନୁମତି ଦିଆଗଲା।

**ଅଲିମ୍ପିକ ଟର୍ଚ୍ଚ:** ଦେବୀ ହେଷ୍ଟିଆଙ୍କ ସମ୍ମାନାର୍ଥେ ପୁରାତନ ଅଲିମ୍ପିକ ସମୟରେ ଯେତେପର୍ଯ୍ୟନ୍ତ ଗେମ୍ ଚାଲୁଥିଲା ସେ ପର୍ଯ୍ୟନ୍ତ ଏକ ବେଦୀରେ ଅଗ୍ନି ଜ୍ୱଳନ୍ତ ଅବସ୍ଥାରେ ରଖାଯାଉଥିଲା। ୧୯୨୮ ମସିହା ପର୍ଯ୍ୟନ୍ତ ଏହି ପରମ୍ପରା ଚାଲି ଆସିଥିଲା। ହେଲେ ପରେ ଏହି ଟର୍ଚ୍ଚକୁ ମଣ୍ଡପ ବା ବେଦୀରେ ନୁହେଁ ବରଂ ଏକ ସ୍ୱତନ୍ତ୍ର ଟର୍ଚ୍ଚରେ ଅଗ୍ନି ଜଳାଇ ରଖାଗଲା। ଅଲିମ୍ପିକ ଗେମ୍‌ର ଓପନିଂ ସେରେମନିର କିଛି ସପ୍ତାହ ପୂର୍ବରୁ ଅଲିମ୍ପିକ୍ସର ମୁଖ୍ୟ ସ୍ଥାନ ଗ୍ରୀସ୍‌ର ଅଲିମ୍ପିଆରେ ଅଗ୍ନୀ ପ୍ରଜ୍ୱଳନ କରାଯାଇଥାଏ। କିଛି ମହିଳା (ପ୍ରାୟତଃ ୧୧ ଜଣ) ଭେଷ୍ଟାଲ ଭର୍ଜିନ ବା ଭେଷ୍ଟାଲର ପୂଜାରିଣୀର ରୂପ ନେଇ ଟେମ୍ପଲ ଅଫ ହେରାରେ ଏକ ଉତ୍ସବ କରନ୍ତି ଓ ସୂର୍ଯ୍ୟାଲୋକ ଏବଂ ପରବଲୟିକ ଦର୍ପଣ ସାହାଯ୍ୟରେ ଅଗ୍ନି ପ୍ରଜ୍ୱଳନ କରନ୍ତି। ସେହି ଅଗ୍ନିରେ ଅଲିମ୍ପିକର ପ୍ରଥମ ଟର୍ଚ୍ଚ ଜଳାଯାଇଥାଏ। ଏଥିରେ ଜଣେ ଅଭିନେତ୍ରୀ ପୂଜାରିଣୀର ଅଭିନୟ କରନ୍ତି ଓ ସେ ପ୍ରଥମ ଟର୍ଚ୍ଚ ବିଅରର୍‌ଙ୍କୁ ଏହା ପ୍ରଦାନ କରନ୍ତି। ପ୍ରାୟତଃ  ପ୍ରଥମ ଟର୍ଚ୍ଚ ବିୟରର ଗ୍ରୀକ୍‌ର ଅଲିମ୍ପିକ ପାଇଁ ଚୟନ ହୋଇଥିବା ଜଣେ ଆଥଲିଟ ହୋଇଥାନ୍ତି। ପରେ ଏହା ଅନ୍ୟ ଟର୍ଚ୍ଚ ବିୟରର୍‌ଙ୍କ ପାଖକୁ ପାସ୍ କରାଯାଏ। ଏହି ଟର୍ଚ୍ଚ ନୌକା, ଉଡ଼ାଜାହାଜ, ଘୋଡ଼ାରେ, ଓଟ ପିଠିରେ, ପାଣି ଭିତରେ ବି ଯାତ୍ରା କରିସାରିଛି।



**ଅଲିମ୍ପିକ ସିମ୍ବଲ:** ପାଞ୍ଚୋଟି ଭିନ୍ନ ଭିନ୍ନ ରଙ୍ଗର ରିଙ୍ଗ ଥିବା ଅଲିମ୍ପିକର ପ୍ରତୀକ ପ୍ରଥମେ ୧୯୧୩ରେ ତିଆରି କରାଯାଇଥିଲା। ଏହାକୁ ଡିଜାଇନ୍ କରିଥିଲେ ଆଧୁନିକ ଅଲିମ୍ପିକ ଗେମ୍‌ର ପ୍ରତିଷ୍ଠାତା ବାରୋନ ପିଏରେ ଡି କୁବେରଟିନ୍। ଧଳା ବ୍ୟାକ୍ ଗ୍ରାଉଣ୍ଡ ଉପରେ ପାଞ୍ଚୋଟି ଭିନ୍ନ ଭିନ୍ନ ରଙ୍ଗର ରିଙ୍ଗ ସାଧାରଣତଃ ସବୁ ଦେଶରୁ ଆସିଥିବା ପ୍ରତିଯୋଗୀଙ୍କ ଜାତୀୟ ପତାକାର ନିଦର୍ଶନ ଅଟେ। ରିଙ୍ଗଗୁଡ଼ିକ ଗୋଟାକ ଉପରେ ଗୋଟେ ରହିବା ଅନ୍ତର୍ଜାତୀୟ ସହଯୋଗକୁ ଦର୍ଶାଏ।


**ବନ୍ଦ ହୋଇଥିବା ଗେମ୍:** ଦୌଡୁଥିବା ହରିଣକୁ ଶୁଟ୍ କରିବା, ଡୁଏଲିଂ ପିସ୍ତଲ ପରି କିଛି ଗେମ୍ ଅଲିମ୍ପିକ୍ସରେ ଥିଲା, ଯାହାକି ପରବର୍ତ୍ତୀ ସମୟରେ ବନ୍ଦ ହୋଇଗଲା।

**ଅନ୍ତର୍ଭୁକ୍ତ ଥିଲା କଳା କାରିଗରି:** ୧୯୨୧ରୁ ୧୯୪୮ ମସିହା ପର୍ଯ୍ୟନ୍ତ ଚିତ୍ରକର, ସ୍ଥପତି, ଆର୍କିଟେକ୍ଟ, ଲେଖକ ଓ ମ୍ୟୁଜିସିଆନ୍‌ମାନେ ବି ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରୁଥିଲେ। ସେମାନେ ମେଡାଲ ପାଇଁ ସୁନ୍ଦର କଳା କାରିଗରି ତିଆରି କରୁଥିଲେ।

**ଗୋଲ୍ଡ ମେଡାଲରେ କେତେ ଗୋଲ୍ଡ:** ୧୯୧୨ ମସିହା ପର୍ଯ୍ୟନ୍ତ ଅଲିମ୍ପିକ୍‌ର ଗୋଲ୍ଡ ମେଡାଲ ସମ୍ପୂର୍ଣ୍ଣ ଭାବେ ସୁନାରେ ତିଆରି ହେଉଥିଲା। ଏବେ କିନ୍ତୁ ମାତ୍ର ୬ ଗ୍ରାମ୍ ସୁନାରେ ଛାଉଣି ମେଡାଲ ବିଜେତାଙ୍କୁ ପ୍ରଦାନ କରାଯାଉଛି।

**ନଗ୍ନାବସ୍ଥାରେ ଖେଳୁଥିଲେ:** ପ୍ରାଚୀନ ଗ୍ରୀସ୍‌ରେ ପ୍ରତିଯୋଗୀମାନଙ୍କର ନ ଥିଲା ଖେଳ ପାଇଁ କିଛି ସ୍ୱତନ୍ତ୍ର ପୋଷାକ। ସେମାନେ ତ ନଗ୍ନାବସ୍ଥାରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲେ। ତାଙ୍କ ଭିତରେ ଥିଲା କେବଳ ଖେଳ ମନୋଭାବ।

**ଅଲିମ୍ପିକ୍ସରେ ଭାଗ ନେଇଥିଲେ ଟାର୍ଜନ :** ଜନି ୱିସ୍ମୁଲର, ଯେ କି ୧୨ଟି ଫିଲ୍ମରେ ଟାର୍ଜନ ଭୂମିକାରେ ଅଭିନୟ କରି ପ୍ରସିଦ୍ଧି ହାସଲ କରିଥିଲେ। ସେ ପ୍ରଥମେ ଜଣେ ଅଲିମ୍ପିକ ପହଁରାଳି ଥିଲେ। ଆଉ ସେ ୧୯୨୪ ଓ ୧୯୨୮ ଅଲିମ୍ପିକ୍ସରେ ପାଞ୍ଚୋଟି ସ୍ୱର୍ଣ୍ଣ ପଦକ ଜିତିଥିଲେ।



ପ୍ରଜ୍ୟୋତି

# ହାଃ ହାଃ

## ଫିଜିକ୍ସ

ସୋନୁର ଫିଜିକ୍ସ ପରୀକ୍ଷା ଥାଏ। ପ୍ରଶ୍ନ ଥିଲା- କେଉଁ ଲିକ୍ୱିଡ୍‌କୁ ଗରମ କଲେ ତାହା ସଲିଡରେ ପରିଣତ ହୁଏ ? ଅନେକ ଭାବିବା ପରେ ସୋନୁ ଲେଖିଲା: ପକୁଡ଼ି ପାଇଁ ଗୋଳାଯାଇଥିବା ବେସନ।

## ପରିଶ୍ରମୀ

ଜଣେ ସମ୍ପର୍କୀୟା ମହିଳା ସୋନିର ଶାଶୁଙ୍କୁ: ବୋହୂ କେମିତିଆ ?

ସୋନିର ଶାଶୁ: ମୋ ବୋହୂ ବହୁତ ପରିଶ୍ରମୀ। ଦିନ ରାତି ସେ କ୍ୟାଣ୍ଡି କ୍ରସ୍ ଖେଳେ। ବହୁତ ପରିଶ୍ରମ କରି ଏବେ ସେ ୨୬୮ ଲେଭଲ ପର୍ଯ୍ୟନ୍ତ ପହଞ୍ଚିଗଲାଣି। ଫେସ୍‌ବୁକ୍‌ରେ ୫୦୦୦ ଫ୍ରେଣ୍ଡ, ୧୦,୦୦୦ ଫଲୋୟର। ୬୮ ଟି ଗ୍ରୁପର ସେ ଆଡ଼ମିନ୍, ୧୬ଟା ପେଜ୍ ଚଳଉଛି। ନାଚି ନାଚି ରିଲ୍ସ କରି ହାଲିଆ ହେଇଯାଉଛି। ଭାବୁଛି ତାକୁ ବାଦାମ ଦେବି। ଯେମିତିକି ସେ ଆହୁରି ପରିଶ୍ରମ କରିବ।

## ଲଢିଯିବି

ସ୍ୱାମୀ ସ୍ତ୍ରୀଙ୍କୁ: ମୁଁ ତୁମକୁ ବହୁତ ଭଲ ପାଏ।


ସ୍ତ୍ରୀ: ମୁଁ କ'ଣ ତମକୁ ଭଲ ପାଉନି ? ମୁଁ ପରା ତମ ପାଇଁ ସାରା ଦୁନିଆ ସହ ଲଢି ପାରିବି।

ସ୍ୱାମୀ: ହେଲେ ତମେ ତ ସବୁବେଳେ ମୋ ସହ ହିଁ ଲଢ।

ସ୍ତ୍ରୀ: ଏତିକି ଜାଣି ପାରୁନ, ତମେ ପରା ମୋ ଦୁନିଆ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।


# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାୱାଙ୍ଗଲା

**ସିକ୍କିମ୍‌ର ନାମ୍‌ଚି ଜିଲା ଅନ୍ତର୍ଗତ ଏକ ଛୋଟ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ ହେଉଛି ରାୱାଙ୍ଗଲା ; ଯେଉଁଠାରେ ଦେଖିବା ପାଇଁ ରହିଛି ଘାଟି, ଝରଣା, ପୁରୁଣା ମଠ, ଚା' ବଗିଚା ତଥା ବନ୍ୟପ୍ରାଣୀ ଅଭୟାରଣ୍ୟ...**

ରାୱାଙ୍ଗଲା ହେଉଛି ଏକ ଛୋଟ ପର୍ଯ୍ୟଟନ ସହର ; ଯାହାକି ସିକ୍କିମ୍‌ର ନାମ୍‌ଚି ଜିଲାରେ ଅବସ୍ଥିତ। ସମୁଦ୍ରପତ୍ତନରୁ ପ୍ରାୟ ୮୦୦୦ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନର ପ୍ରାକୃତିକ ପରିବେଶ କାହାକୁ ବି ଆନମନା କରିପାରେ। ତା'ସହିତ ପର୍ଯ୍ୟଟକଙ୍କ ଦେଖିବା ପାଇଁ ବି ଏଠାରେ ରହିଛି ଅନେକ ଆଖି ଲାଗିଗଲା ଭଳି ପର୍ଯ୍ୟଟନସ୍ଥଳୀ। ଖାସ୍ ସେଥିପାଇଁ ତ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ।





## କ'ଣ ଦେଖିବେ

✻ **ରଲଙ୍ଗ ମଠ:** ରାୱାଙ୍ଗଲାଠାରୁ ମାତ୍ର ୬ କି.ମି ଦୂରରେ ରହିଛି ଏହି ବୌଦ୍ଧ ମଠଟି। ପ୍ରତିବର୍ଷ ଅଗଷ୍ଟରୁ ଡିସେମ୍ବର ଭିତରେ ଏହି ମଠର ବାର୍ଷିକ ଉତ୍ସବ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ ; ଯେଉଁଥିରେ ସାମିଲ ହେବାକୁ ବିଭିନ୍ନ ସ୍ଥାନରୁ ବହୁ ବୌଦ୍ଧ ସନ୍ନ୍ୟାସୀ ତଥା ପର୍ଯ୍ୟଟକମାନେ ଆସିଥାନ୍ତି।

✻ **ମାଇନାମ ବନ୍ୟପ୍ରାଣୀ ଅଭୟାରଣ୍ୟ:** ରାୱାଙ୍ଗଲାର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ରହିଛି ଅନେକ ଖ୍ୟାତି। ଏହି ଅଭୟାରଣ୍ୟରେ ବହୁ ବିରଳ ପ୍ରଜାତିର ପଶୁପକ୍ଷୀଙ୍କୁ ଦେଖିବାକୁ ମିଳେ। କେବଳ ଏହି ଅଭୟାରଣ୍ୟ କାହିଁକି ରାୱାଙ୍ଗଲାର ଆଖପାଖ ଅଞ୍ଚଳରେ ଥିବା ଜଙ୍ଗଲିଆ ପରିବେଶରେ ବି ପର୍ଯ୍ୟଟକ ଅନେକ ପଶୁପକ୍ଷୀଙ୍କୁ ଦେଖିବାକୁ ପାଇପାରିବେ।

✻ **ପ୍ରାକୃତିକ ବନସ୍ପତି:** ରାୱାଙ୍ଗଲା ଯେହେତୁ ଏକ ପାର୍ବତ୍ୟାଞ୍ଚଳ, ତେଣୁ ଶୀତଦିନେ ଏଠାରେ ତୁଷାରପାତ ହେବାର ଲକ୍ଷ୍ୟ କରାଯାଇଥାଏ। ଆଉ ଠିକ୍ ଏପ୍ରିଲ୍, ମେ ମାସ ଆଡ଼କୁ ଏହି ସ୍ଥାନରେ ବିଭିନ୍ନ ପ୍ରକାରର ରଙ୍ଗିନ ଫୁଲ ଫୁଟିବା ଆରମ୍ଭ ହୋଇଯାଇଥାଏ ; ଯାହାକି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦିଏ।

✻ **ବୁଦ୍ଧ ପାର୍କ:** ରାୱାଙ୍ଗଲା ନିକଟରେ ଏକ ବଡ଼ ପାର୍କ ଥିବାର ଦେଖିବାକୁ ମିଳେ। ଆଉ ଏହି ପାର୍କ ମଧ୍ୟରେ ଏକ ବିରାଟ ବଡ଼ ବୁଦ୍ଧ ଦେବଙ୍କର ପ୍ରତିମାକୁ ସ୍ଥାପନା କରାଯାଇଥିବାରୁ ଏହା ବୁଦ୍ଧ ପାର୍କ ନାମରେ ବେଶ୍ ପରିଚିତି ହାସଲ କରିପାରିଛି।

କେବଳ ଏତିକି ସ୍ଥାନ ନୁହେଁ, ରାୱାଙ୍ଗଲା ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବା ପାଇଁ ଆହୁରି ଅନେକ କିଛି ଦର୍ଶନୀୟ ସ୍ଥାନ ରହିଛି। ଯେମିତି କି ବୋନ ମଠ, ଡୋଲିଙ୍ଗ୍ ଗୋମ୍ପା, ସନ୍‌ରାଇଜ୍ ପଏଣ୍ଟ, ଟେମି ଟି ଗାର୍ଡେନ୍ ଇତ୍ୟାଦି ଅନ୍ୟତମ।

## ଟ୍ରେକିଂର ମଜା ନିଆରା

ଯେହେତୁ ଏହା ଏକ ପାର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ଆଖାପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ବେଶ୍ ଆରାମଦାୟକ ହୋଇଥାଏ।

## କ'ଣ କିଣିବେ

ସ୍ଥାନୀୟ ହସ୍ତଶିଳ୍ପ ତଥା ଉଲ୍ ବୁଣା ସାମଗ୍ରୀ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ମିଳିଥାଏ। ତା'ଛଡ଼ା ଯେହେତୁ ଏଠାରେ ଚା' ବଗିଚା ରହିଛି ; ତେଣୁ ପର୍ଯ୍ୟଟକ ଚାହିଁଲେ ଏଠାରୁ ଭଲ ଦାମ୍‌ରେ ଭଲ କ୍ୱାଲିଟିର ଚା' ମଧ୍ୟ କିଣି ଆଣିପାରିବେ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ ଶୀତଦିନେ ଯେହେତୁ ଏଠାରେ ଟିକେ ଅଧିକ ଥଣ୍ଡା ହୁଏ, ତେଣୁ ସେ ସମୟରେ ଟିକେ କମ୍ ସଂଖ୍ୟାର ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ତେବେ ଅଗଷ୍ଟରୁ ଡିସେମ୍ବର ଭିତରେ ଯେହେତୁ ଅନେକ ଆଧ୍ୟାତ୍ମିକ ଉତ୍ସବ ଏଠାରେ ପାଳନ କରାଯାଇଥାଏ ; ସେତେବେଳେ ପର୍ଯ୍ୟଟକଙ୍କର ବେଶ୍ ଗହଳି ଏଠାରେ ପରିଲକ୍ଷିତ ହୁଏ।

ଅନ୍ୟପକ୍ଷେ ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଗ୍ୟାଙ୍ଗଟକ୍‌ଠାରୁ ପ୍ରାୟ ୬୫ କି.ମି. ଏବଂ ପଶ୍ଚିମବଙ୍ଗର ସିଲିଗୁଡ଼ିଠାରୁ ପ୍ରାୟ ୧୨୦ କି.ମି ଦୂରରେ ଥିବା ରାୱାଙ୍ଗଲାର ନିକଟତମ ମୁଖ୍ୟ ରେଳଷ୍ଟେଶନ ହେଉଛି ନ୍ୟୁ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେଶନ। ସେହିପରି ଏଠାକୁ ଯିବାପାଇଁ ସିଧାସଳଖ ବିମାନର ବ୍ୟବସ୍ଥା ନାହିଁ ; ପଶ୍ଚିମବଙ୍ଗର ବାଗ୍‌ଡୋଗ୍ରା ଏୟାରପୋର୍ଟ ହେଉଛି ଏହାର ନିକଟତମ ମୁଖ୍ୟ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ହେଉ ଅଥବା ନିଜସ୍ୱ ଗାଡ଼ିମୋଟରରେ ମଧ୍ୟ ପର୍ଯ୍ୟଟକ ଚାହିଁଲେ ଏଠାକୁ ଯାଇପାରିବେ।





# ରେଲୱେ ଟ୍ରାକ୍‌ରେ କାହିଁକି ବିଛା ଯାଇଥାଏ ଟ୍ରାକ୍ ବାସାଲ୍ଟ



**ଯାତାୟାତର ଏକ ବଡ଼ ମାଧ୍ୟମ ହେଉଛି ଟ୍ରେନ୍। କହିବାକୁଗଲେ ଟ୍ରେନ୍ ହେଉଛି ଦେଶର ଲାଇଫ୍ ଲାଇନ୍। ଏଥିରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥାନ୍ତି। ତେବେ କେବେ ଭାବିଛନ୍ତି କି ଏହି ଟ୍ରେନ୍ ଯେଉଁ ଟ୍ରାକ୍ ଦେଇଯାଇଥାଏ ସେଥିରେ ଏତେ ଛୋଟ ଛୋଟ ପଥର ବା ଗେଟି କାହିଁକି ପକାଯାଇଥାଏ? ଜାଣନ୍ତୁ ସେ ସମ୍ପର୍କରେ..**

ରେଳ ପାଇଁ ସ୍ୱତନ୍ତ୍ର ଏକ ରେଳପଥ ତିଆରି ହୋଇଥାଏ। ଯାହାର ଦୁଇଟି ଲୁହାର ଧାରଣା ଥାଏ ଓ ମଝିରେ ଲଗାଯାଇଥାଏ କାଠର ଅବା କଂକ୍ରିଟ୍‌ର ସ୍ଲିପର୍ସ। ତେବେ ବର୍ଷା, ଖରା ପଡ଼ିବା ଦ୍ୱାରା କାଠର ସ୍ଲିପର୍ସ ଖରାପ ହୋଇଯାଉଥିବାରୁ ଦୁର୍ଘଟଣା ହେବାର ଆଶଙ୍କା ରହୁଥିଲା। ତେଣୁ ପରେ କାଠ ପରିବର୍ତ୍ତେ କଂକ୍ରିଟ୍‌ର ସ୍ଲିପର୍ସ ବ୍ୟବହାର କରାଗଲା। ଆଉ ଏହି ସ୍ଲିପର୍ସ ତଳେ ଓ ଉପରେ ପକାଯାଇଥାଏ ଅନେକ ଗେଟି ବା ଟ୍ରାକ ବାସାଲ୍ଟ। ଉକ୍ତ ପଥରଗୁଡ଼ିକୁ ତିଆରି କରିବା ଲାଗି ଗ୍ରାନାଇଟ, ଟ୍ରାପ ରକ୍, କ୍ୱାର୍ଟଜାଇଟ, ଡୋଲୋମାଇଟ ବା ଚୂନ ପଥର ବ୍ୟବହାର ହୋଇଥାଏ। ଏହି ବାସାଲ୍ଟ ପୁଣି ଗୋଲାକାର ନୁହେଁ ବରଂ ମୁନିଆ ଓ ତେଢ଼ାମେଢ଼ା ହୋଇଥାଏ। କାରଣ ଗୋଲାକାର ଗେଟି  ହେଲେ ଟ୍ରେନ ଦ୍ରୁତଗତିରେ ଗଲାବେଳେ ପଥରଗୁଡ଼ିକ ନିଜ ନିଜ ସ୍ଥାନରୁ ଖସିଯିବ। ହେଲେ ପଥର ଛୋଟ ଛୋଟ ଓ ମୁନିଆ ହୋଇଥିଲେ ସେଗୁଡ଼ିକ ପରସ୍ପର ସହ ଯୋଡ଼ି ହୋଇ ରହିବା ସହ ସ୍ଲିପର୍ସକୁ ଜାବୁଡ଼ି ଧରି ରଖିବ। ଫଳରେ ଧାରଣା ମଜଭୁତ ହୁଏ ଓ ଟ୍ରେନର ଭାର ଭଲରେ ସମ୍ଭାଳିନିଏ। ଗୋଟିଏ ଟ୍ରେନର ଓଜନ ପ୍ରାୟ ୧୦ଲକ୍ଷ ଟନ୍ ହୋଇଥାଏ। ତେଣୁ କେବଳ ଧାରଣା ଏହାର ଭାର ସମ୍ଭାଳିବା ପାଇଁ ସକ୍ଷମ ହୋଇପାରେନା। ରେଳଧାରଣାର କଂକ୍ରିଟ୍ ସ୍ଲିପର୍ସ ଓ ଗେଟି ଏଥିରେ ସାହାଯ୍ୟ କରେ। ଗେଟିଗୁଡିକ ଯୋଗୁ ସ୍ଲିପର୍ସ ନିଜ ସ୍ଥାନରେ ସ୍ଥିର ରହେ। ଆଉ ଧାରଣା ବି ସ୍ଥିର ରହେ। ତେଣୁ ଟ୍ରେନ ବିନା ଅସୁବିଧାରେ ଭଲରେ ଗତି କରିପାରେ। ଯେତେବେଳେ ଟ୍ରେନ ଧାରଣା ଦେଇଯାଏ ଖୁବ୍ ଜୋର୍‌ରେ ଶବ୍ଦ ଓ କମ୍ପନ ହୋଇଥାଏ। ଫଳରେ ଧାରଣା ପ୍ରସାରିତ ହେବାର ବି ଆଶଙ୍କା ଥାଏ। ଏହି କମ୍ପନକୁ କମ୍ କରିବା ଓ ଧାରଣାକୁ ପ୍ରସାରିତ ହେବାରୁ ରକ୍ଷା କରିବା ଲାଗି ମଧ୍ୟ ଏହି ଗେଟି ବିଛାଯାଇଥାଏ। ଏହି ଗେଟି ହିଁ ସ୍ଲିପର୍ସକୁ ନିଜ ସ୍ଥାନରେ ରହିବାରେ ସାହାଯ୍ୟ କରେ ଓ ରେଳର ଭାରକୁ ସମ୍ଭାଳିନିଏ। ଏହାକୁ ବିଛାଇବାର ଆଉ ଏକ ଉଦ୍ଦେଶ୍ୟ ହେଉଛି ବର୍ଷା ସମୟରେ ରେଳ ଟ୍ରାକ୍‌ରେ ଜଳ ଯେମିତି ଜମି ନ ରହେ। ବର୍ଷା ଜଳ ଗେଟି  ମଧ୍ୟ ଦେଇ ଯେମିତି ଜମିକୁ ଚାଲିଯିବ। ଫଳରେ ରେଳ ଟ୍ରାକରେ ଜଳ ଜମିକି ରହିବନି କି ଅଘଟଣ ଘଟିବାର ଆଶଙ୍କା ରହିବନି। କହିବାକୁ ଗଲେ ସୁରକ୍ଷା ଦୃଷ୍ଟିରୁ ଏହି ଗେଟି ବା ଟ୍ରାକ ବାସାଲ୍ଟ ବହୁତ ଜରୁରୀ। ଏହାବାଦ୍ ଏହି ଗେଟିଗୁଡିକ ଟ୍ରାକରେ ବୃକ୍ଷଲତା ଉଠିବାରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରେ। ଯଦି ଟ୍ରାକରେ ଗଛ ଉଠେ ତେବେ ଟ୍ରେନର ସ୍ପିଡରେ ଅନେକ ଅସୁବିଧା ଦେଖାଦେବ। ଅତଏବ ରେଳ ଟ୍ରାକର ଗେଟି ବା ବାସାଲ୍ଟ ରେଳ ସୁରକ୍ଷାରେ ପ୍ରମୁଖ ଭୂମିକା ନିର୍ବାହ କରେ।





# ଅଣ୍ଡରପ୍ୟାଣ୍ଟକୁ ନେଇ ରେକର୍ଡ

ରେକର୍ଡ କରିବା ଲାଗି ଲୋକେ ଅନେକ ଅଜବ କାମ କରିଥାନ୍ତି। ବେଳେବେଳେ ଏମିତି ବି କାମ କରନ୍ତି, ଯାହା ବେଶ୍ ମଜାଦାର ହୋଇଥାଏ। ଏଇ ଯେମିତି ଜାପାନର ଚେରୀ ନାମକ ଜଣେ ବ୍ୟକ୍ତି କରିଛନ୍ତି ଏକ ବେଶ୍ ଅଜବ ଓ ମଜାଦାର ରେକର୍ଡ। ସବୁଠୁ କମ୍ ସମୟରେ ସର୍ବାଧିକ ଅଣ୍ଡରପ୍ୟାଣ୍ଟ ପିନ୍ଧି ସେ ଏହି ରେକର୍ଡ କରିଛନ୍ତି। ଅର୍ଥାତ୍ ସେ ଏକ ମିନିଟ୍‌ରେ ୩୬ଟି ଅଣ୍ଡର ପ୍ୟାଣ୍ଟକୁ ଫଟାଫଟ୍ ପିନ୍ଧି ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ନିଜ ନାମକୁ ଅନ୍ତର୍ଭୁକ୍ତ କରାଇଛନ୍ତି। ସେ ପ୍ୟାଣ୍ଟ ଉପରେ ଅଣ୍ଡରପ୍ୟାଣ୍ଟଗୁଡ଼ିକୁ ଯେତେବେଳେ ଫଟାଫଟ୍ ପିନ୍ଧୁଥିଲେ ଲୋକେ ସେ ଦୃଶ୍ୟ ଦେଖି ବେଶ୍ ମଜା ଉଠାଉଥିଲେ।

ପିଲାଦିନରୁ ଚେରୀଙ୍କର ରେକର୍ଡ କରିବାର ଇଚ୍ଛା ଥିଲା। ଯେବେ ସେ ବଡ଼ ହେଲେ ନିଜର ଏହି ଇଚ୍ଛା ପୂରଣ କରିବାକୁ ନିଷ୍ପତ୍ତି ନେଲେ। ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ପୂର୍ବରୁ ହୋଇଥିବା ବିଭିନ୍ନ ରେକର୍ଡକୁ ଦେଖିଲେ। ଯେଉଁ ରେକର୍ଡଗୁଡ଼ିକୁ ସେ ଭାଙ୍ଗିପାରିବେ ବୋଲି ମନେକଲେ ସେଗୁଡ଼ିକୁ ସେ ବହୁତ ଅଭ୍ୟାସ କଲେ। ଏବେ ସେ ଅନେକ ଅଜବ ରେକର୍ଡ କରିସାରିଲେଣି। ତାଙ୍କର ପ୍ରାୟ ସବୁ ରେକର୍ଡ ଦେଖିବାକୁ ବେଶ୍ ମଜାଦାର ଓ ସହଜ ମନେହେବ। ହେଲେ ବାସ୍ତବରେ ସେଗୁଡ଼ିକୁ କରିବା ଏତେ ସହଜ ନୁହେଁ। ଚେରୀ ଏବେ ନିଜର ରେକର୍ଡ ଲାଗି ଜାପାନରେ ବହୁତ ପ୍ରସିଦ୍ଧ।





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ମୃତ୍ୟୁ ମହୋତ୍ସବ

ଆଜିକାଲି ସାମାଜିକ ଗଣମାଧ୍ୟମରେ 'ଏବେ ମୁଁ ଅନାଥ ହେଲି' ଶୀର୍ଷକ ସହ ସଦ୍ୟ ମୃତ୍ୟୁବରଣ କରିଥିବା ପିତାଙ୍କ ଶବ ସାମ୍ନାରେ ଗାଲ୍ଭିକ ପୁତ୍ର ନେଇଥିବା ସେଲ୍ଫି ପୋଷ୍ଟ ହେଉ ଅଥବା ସ୍ୱାମୀଙ୍କ ମୃତ୍ୟୁର କିଛି ସମୟ ପରେ କବୟିତ୍ରୀ ପୋଷ୍ଟ କରିଥିବା ବିରହ କବିତା ହେଉ କିମ୍ବା 'ମୋ ଦେଢେଇ ପୁଅ ଭାଇଙ୍କ ଶାଳୀର ବଡ଼ପୁଅର ଆଜି ଜନ୍ମଦିନ, ତାକୁ ଆଶୀର୍ବାଦ କରନ୍ତୁ' ଭଳି ଅନୁରୋଧ ହେଉ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାର ଯେକୌଣସି ମଉକାକୁ ହାତ ଛଡା କରିବା ପାଇଁ ଲୋକ ଆଜିକାଲି ଚାହୁଁନାହାନ୍ତି। ସାଥୀର ମୃତ୍ୟୁରେ ମିୟମାଣ ବଗୁଲୀକୁ ଦେଖି ପୃଥିବୀର ପ୍ରଥମ ଆଶୁକବି ବାଲ୍ମିକୀ ଶ୍ଳୋକ ଲେଖିଦେଲେ। ଏବେ ସାମାଜିକଗଣ ମାଧ୍ୟମରେ ଠିଆ ଠିଆ କବିତା, ଗପ ଇତ୍ୟାଦି ଲେଖିପାରୁଥିବା ବିଦଗ୍ଧ ଠିଆକବି ଓରଫ ଆଶୁକବି ମାଳ ମାଳ । ବିଶେଷକରି କୌଣସି ସାହିତ୍ୟିକଙ୍କ ମୃତ୍ୟୁ ପରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଆଶୁକବିମାନଙ୍କ ଯେଉଁଭଳି ଶୋକଗୀତି, ସ୍ତୁତି ଚାରଣର ପ୍ରତିଯୋଗିତା ଚାଲୁଛି ତାହା ସାହିତ୍ୟିକଙ୍କ ବିୟୋଗରେ ମୃତ୍ୟୁ ମହୋତ୍ସବ ପାଳନର ଭ୍ରମ ସୃଷ୍ଟି କରୁଛି। ଅଣଦେଖା, ଅଲୋଡ଼ା ହୋଇ ଶେଷଜୀବନ ଦୁଃଖରେ କାଟିଥିବା ସର୍ଜକର ମୃତ୍ୟୁ ପରେ ଶ୍ରଦ୍ଧାଞ୍ଜଳିର ସୁନାମୀ ଦେଖିଲେ ଲାଗିବ ସତେକି ତାଙ୍କ ଅନ୍ତେ ଅସଂଖ୍ୟ ଦରଦୀ ଓ ଶୁଭେଚ୍ଛୁ ଜନ୍ମ ନେଲେ । ଏବେ ସ୍ପେସିଆଲାଇଜେସନର ଯୁଗ । କିଛି ନୂଆପଣ ନଥିଲେ ସାହିତ୍ୟରେ ତିଷ୍ଠିବା କଷ୍ଟ । ଚଳନ୍ତି ଓଡ଼ିଆ ସାହିତ୍ୟର ସମ୍ଭାବନାର ସ୍ୱର କବିପ୍ରାଣ ରାଜନ ଦାସ ପ୍ରଥମେ ଜନ୍ମଦିନର ଶୁଭେଚ୍ଛା ବାର୍ତ୍ତା ଲେଖକ ଭାବେ ପ୍ରତିଷ୍ଠା ପାଇବା ପାଇଁ ଅନେକ ସାହିତ୍ୟିକଙ୍କ ଜନ୍ମ କୁଣ୍ଡଳୀ ସଂଗ୍ରହ କରିଥିଲେ । ହେଲେ ତାଙ୍କ ଦୁର୍ଭାଗ୍ୟକୁ ଆଉ ଜଣେ ଖ୍ୟାତନାମା ସାହିତ୍ୟିକ ସାହିତ୍ୟର ସେ ବିଭାଗ ଉପରେ ଏମିତି ଚେକାମାଡ଼ି ବସିଛନ୍ତି ଯେ, ଲାଗୁଛି ତାଙ୍କ ଜୀବଦ୍ଦଶା ଭିତରେ ଆଉ କେହି ତାଙ୍କ ଗାଦୀ ହଲେଇ ପାରିବେନି । ହତାଶ ରାଜନ ଦେଖିଲେ ଏଠି ପ୍ରତିଷ୍ଠା ଅର୍ଜନ ଦୁଃସାଧ୍ୟ ବ୍ୟାପାର । କବିତା ଗଳ୍ପ ପ୍ରବନ୍ଧ ଭଳି ଅନ୍ୟ ବିଭାଗ ସବୁ ମଧ୍ୟ ହାଉସ୍ ଫୁଲ । ତେଣୁ ଅପେକ୍ଷାକୃତ କମ୍ ପ୍ରତିଦ୍ୱନ୍ଦ୍ୱୀ ଥିବା ଶ୍ରଦ୍ଧାଞ୍ଜଳି ବିଭାଗ ପ୍ରତି ମନ ବଳେଇଲେ । ହେଲେ ଏଥିରେ ଭଲ ଆଉ ଖରାପ ଦିଗ ବି ରହିଛି। ଭଲ ଦିଗଟି ହେଲା ମୃତ ଲେଖକଙ୍କ ସ୍ମୃତି ଚାରଣରେ ଯେତେ ମନଗଢା କାହାଣୀ ଲେଖିଲେ ବି ଲେଖକ ସ୍ୱର୍ଗରୁ ଆସି ସ୍ପଷ୍ଟୀକରଣ ଦେବାର ସମ୍ଭାବନା ନାହିଁ । ଖରାପ ଦିଗଟି ହେଲା ଯେଉଁ ଗତିରେ ସାହିତ୍ୟିକମାନେ ଜନ୍ମ ଗ୍ରହଣ କରୁଛନ୍ତି ସେଇ ଗତିରେ ମୃତ୍ୟୁ ଗ୍ରହଣ କରୁନାହାନ୍ତି । ତେଣୁ ଏଥିପାଇଁ ବକଧ୍ୟାନ ପୂର୍ବକ ଧୈର୍ଯ୍ୟ ରଖି ସବୁ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କ ଉପରେ ନଜର ରଖିବାକୁ ହେବ । ଏଥିସହ କୌଣସି ସାହିତ୍ୟିକଙ୍କ ମୃତ୍ୟୁର ଖବର ତାଙ୍କ ନିଜ ଆତ୍ମୀୟମାନେ ପାଇବା ପୂର୍ବରୁ ଯେଉଁଭଳି ଫେସ୍‌ବୁକ ଭଳି ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି କବିତା ତୁରନ୍ତ ପୋଷ୍ଟ କରିହେବ ଏବଂ ଶହେ ଦୁଇଶହ କମେଣ୍ଟ ପୋଛି ନେଇ ହେବ ଦେଖିବାକୁ ପଡିବ । ବାସି ପରିବା ଭଳି ବାସି ଶ୍ରଦ୍ଧାଞ୍ଜଳିରେ ଆଦର କାହିଁ ! ସେଥିପାଇଁ ରାଜନ ବାବୁ ଏବେ ଅନେକ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କ ପାଇଁ ଆଗୁଆ ଶ୍ରଦ୍ଧାଞ୍ଜଳି ଲେଖି ରଖିଛନ୍ତି । କେବଳ ନାଁ ଗାଁ ତାରିଖ ପାଇଁ ଯାହା ଜାଗା ଛଡା ଯାଇଛି । ସେପଟେ ଲେଖକଙ୍କ ସ୍ୱର୍ଗାରୋହଣ ସ୍ପେଶାଲ ବିମାନ ଷ୍ଟାର୍ଟ ହେଲା ତ ଏପଟେ ଶ୍ରଦ୍ଧାଞ୍ଜଳି ଲେଖା ପୋଷ୍ଟ ହେଲା । ରାଜନ ବାବୁ ପ୍ରତ୍ୟହ ସକାଳୁ ଚିତ୍ରଗୁପ୍ତଙ୍କ ଫୋଟରେ ପୁଷ୍ପ ଲାଗିକରି ପ୍ରାର୍ଥନା କରନ୍ତି ପ୍ରଭୁ ଗୁଡ଼ାଏ ଶ୍ରଦ୍ଧାଞ୍ଜଳି ଲେଖା ପଡି ପଡି କାଗଜ ହଳଦିଆ ହେଲାଣି । ଆଜି କେହିଜଣେ ସଶ୍ରଦ୍ଧ, ପ୍ରତିଷ୍ଠିତ, ଅଗ୍ରଜ,ଆଦ୍ୟ ସ୍ମରଣୀୟ ଯଶସ୍ୱୀ , ମନସ୍ୱୀ , ବିଦଗ୍ଧ ଲେଖକଙ୍କ ମୃତ୍ୟୁ ହୁଅନ୍ତା ନାହିଁ!! ଶେଷ ଓଭରରେ ଯେମିତି ବଲ୍ କେତେଦୂରକୁ ଗଲା ନ ଦେଖି ବ୍ୟାଟ୍ସମ୍ୟାନ ରନ ନେବାକୁ ଦୌଡ଼ି ରନ ଆଉଟ ହୁଅନ୍ତି ସେମିତି ଏଇ ପ୍ରଥମ ପୋଷ୍ଟିଂ ନିଶା




ଯୋଗୁଁ ରାଜନ ବାବୁ ଥରେ ଦୁଇଥର ମାଡ଼ ଖାଇଲେଣି । ଅବଶ୍ୟ କେତେକ କ୍ଷେତ୍ରରେ ନିଜର ଗାଲୁଆମୀ ପାଇଁ ଶେଷ ମୁହୂର୍ତ୍ତରେ ଖସି ଯାଇଛନ୍ତି। ଥରେ ଜଣେ ବୃଦ୍ଧ ପରୀକ୍ଷାଧର୍ମୀ ରୀତିକବି ଛାତିରେ ଯନ୍ତ୍ରଣା ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହେଲେ । ଜଣେ ସୃଜନକର୍ମୀଙ୍କ ପାଖରୁ ଖବର ପାଇ ରାଜନ ବାବୁ ଜାଣିବାକୁ ପାଇଲେ କବି ଚିନୁ ରାଓ ମେଡିକାଲରେ । ସମ୍ପୂର୍ଣ୍ଣ ଖବର ଶୁଣିବା ପାଇଁ ତାଙ୍କ ପାଖରେ ଆଉ ଧୈର୍ଯ୍ୟ ନଥିଲା । ତୁରନ୍ତ ଫୋନ ରଖି ସେ ତାଙ୍କ ଲେଖା ଡାଏରି ଅଣ୍ଡାଳି ପକେଇଲେ । ଯୋଗକୁ ଦୁଇ ମାସ ତଳେ ଚିନୁ ରାଓଙ୍କ ଉପରେ ଲେଖିଥିବା ତିରିଶ ଧାଡ଼ିଆ ଶ୍ରଦ୍ଧାଞ୍ଜଳି କବିତା ପାଇଲେ । 'ଯଶସ୍ୱୀ କବି ଚିନୁ ରାଓଙ୍କ ହୃଦଘାତରେ ବିୟୋଗ । ରୀତି କବିତାରେ ପରୀକ୍ଷା ନିରୀକ୍ଷା ଯୁଗର ଅବସାନ' ଶୀର୍ଷକ ସହ ତାଙ୍କ ତିରିଶ ଧାଡ଼ିଆ ଶୋକ କବିତାକୁ ପୋଷ୍ଟ କରିଦେଲେ । ସାଙ୍ଗେ ସାଙ୍ଗେ ଫେସବୁକରେ ଚହଳ ପଡିଗଲା । ଚିନୁ ରାଓଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟର ରୀତି କବିତା ଦିଗ ହରା, କବି ମରେନି, ସେ ଏବେ ମୋ ପାଖରେ ବସିଥିଲା ଭଳି ଲାଗୁଛି, ଓଁ ଶାନ୍ତି , ଗଭୀର ଶ୍ରଦ୍ଧାଞ୍ଜଳି ଭଳି କମେଣ୍ଟର ସଂଖ୍ୟା ରାଜନ ବାବୁଙ୍କ ପୋଷ୍ଟରେ ଚାହୁଁ ଚାହୁଁ ତିନିଶହ ଟପିଗଲା । ଅଧଘଣ୍ଟା ଯାଇଛି କି ନାହିଁ ଚିନୁ ରାଓଙ୍କ ଘରୁ ଫୋନ ଆସିଲା । ଗ୍ୟାସ ଯୋଗୁଁ ଛାତି ଖେଞ୍ଚି ହେଉଥିଲା । ଡାକ୍ତରଖାନାରେ ଔଷଧ ଖାଇଲା ପରେ ଏବେ ସୁସ୍ଥ ଅଛନ୍ତି । ତା'ପରେ କବିପୁତ୍ର ଜୀବିତ ବାପାଙ୍କୁ ମୃତ ଘୋଷଣା କରିଥିବାରୁ ବିଶେଷ୍ୟ ବିଶେଷଣ ଲଗେଇ ରାଜନ ବାବୁଙ୍କ ଚଉଦ ପୁରୁଷ ଉଖାଳି ଦେଲେ । ଫେକ୍ ବୁକର ପୁରୁଣା ଖିଲାଡି ରାଜନ ବାବୁ କଥାକୁ ଚଳେଇ ନେଇ କହିଲେ, 'କ୍ଷମା କରିବେ ଆଜ୍ଞା ଫୋନର ଅଟୋ କରେକ୍ଟରେ ଭୁଲ ହେଇଯାଇଛି । ଭଦ୍ରକର ପିନୁ ରାଓ ଜାଗାରେ ଚିନୁ ରାଓ ହେଇଯାଇଛି । ଏବେ ସୁଧାରି ଦେଉଛି।' ରାଜନ ବାବୁ ଦେଖିଲେ ତାଙ୍କ ପୋଷ୍ଟରେ କମେଣ୍ଟ ସଂଖ୍ୟା ତିନି ଶହ ଟପିଗଲାଣି। ଏବେ ଏ ପୋଷ୍ଟକୁ ହଟେଇଲେ ଲୋକହସା ହେବା ଥୟ । ଚିନୁ ରାଓ ଜାଗାରେ ପିନୁ ରାଓ କରିଦେଲେ କିଛି ଅସୁବିଧା ହେବନି । କିଏ ଲେଖାକୁ ପୁରା ପଢି କମେଣ୍ଟ ଦେଉଛନ୍ତି ଯେ ! ମୃତ୍ୟୁ ପରେ ନିଜ ପାଇଁ ଛଳ ଛଳ ଶ୍ରଦ୍ଧାଞ୍ଜଳି ଲେଖାର ଆଶା ରଖିଥିବା ଅନେକ ସାହିତ୍ୟିକ ରାଜନ ବାବୁଙ୍କ ଶୁଭଦୃଷ୍ଟିରେ ରହିବା ପାଇଁ ତାଙ୍କ ଯାବତୀୟ ପୋଷ୍ଟରେ କମେଣ୍ଟ ଲେଖନ୍ତି। ନହେଲେ ବେଳ ପାଚିଲେ କାଉର କି ଯାଏ ନା ଚିନୁ ରାଓ ଜାଗାରେ ପିନୁ ରାଓ ମଲେ ତାଙ୍କର କୋଉ ସଂସାର ଭାସି ଯାଉଛି !


ପରଦିନ ସକାଳେ ରାଜନ ବାବୁ ଚାହା ପିଉଛନ୍ତି ଜଣେ ଭଦ୍ରବ୍ୟକ୍ତି ହାତରେ ବଡ଼ ମିଠା ପ୍ୟାକେଟ ଧରି ଆସି ପହଞ୍ଚିଲେ । ନିଜକୁ ପିନୁ ରାଓର ପରିଚୟ ଦେଇ କଥା ଆରମ୍ଭ କଲେ । ଆଜ୍ଞା ଆପଣଙ୍କୁ କେଉଁ ଭାଷାରେ ଧନ୍ୟବାଦ ଦେବି ଜାଣି ପାରୁନି । ଏଯାବତ ଦେଢ଼ ଶହ କବିତା ଲେଖିସାରିଥିଲେ ବି ବାହାର ପାଠକଙ୍କ କଥା ଛାଡ଼ନ୍ତୁ ମୋର ଖୋଦ ଶଶୁରଘର ଲୋକ ଜାଣନ୍ତି ନାହିଁ ମୁଁ ଜଣେ କବି ବୋଲି । ଗତକାଲି ଆପଣଙ୍କ ଶ୍ରଦ୍ଧାଞ୍ଜଳି ଲେଖାରେ ମୋ ମୃତ୍ୟୁ ପାଇଁ ଏତେଲୋକ କାନ୍ଦିବା ଦେଖି ମୋ କବି ସତ୍ତା ଧନ୍ୟ ହୋଇଗଲା ଜାଣ । ଆପଣଙ୍କ ଶ୍ରଦ୍ଧାଞ୍ଜଳି ପଢି ଅନୁଭବ କଲି ଯେ ସାହିତ୍ୟରେ ବଞ୍ଚିବା ଅପେକ୍ଷା ସାହିତ୍ୟରେ ମୃତ୍ୟୁ ଭଲ । ବୋଧେ ସେଇଥିପାଇଁ ସାହିତ୍ୟ ପାଇଁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପାଇବାକୁ ହେଲେ ଆସନ୍ନ ମୃତ୍ୟୁ ଅବସ୍ଥା କିମ୍ବା ସ୍ୱର୍ଗବାସୀ ହୋଇଥିବା ବାଞ୍ଛନୀୟ । ସାହିତ୍ୟରେ ସମ୍ବେଦନଶୀଳତା ଆସ୍ତେ ଆସ୍ତେ କମି ଯାଉଥିବା ବେଳେ ମୃତ ସାହିତ୍ୟିକଙ୍କ ପ୍ରତି ଆପଣଙ୍କ ଉଦାରତା ଦେଖି ମୃତ ପଥୀକୃତ ସାହିତ୍ୟିକମାନେ ସ୍ୱର୍ଗରେ ଥାଇ ଭାବୁଥିବେ ଆହା ମଲା ପରେ ଏତେ ସମ୍ମାନ ମିଳେ ଜାଣିଥିଲେ ପରିଣତ ବୟସରେ ଅଣଦେଖା ଓ ନିସଙ୍ଗ ଜୀବନ କେବେ ଜିଇଁ ନଥାନ୍ତୁ । କେହି ଜଣେ ମଲେ ସାହିତ୍ୟିକମାନଙ୍କ ତୁରନ୍ତ ପ୍ରତିକ୍ରିୟାରେ ଏତେ ସଂଖ୍ୟକ କବିତା, ସ୍ମୃତି ଓ ସ୍ତୁତିଚାରଣ ଦେଖି ଭାବୁଥିଲି ସାହିତ୍ୟର ବୃହତ୍ତମ ସ୍ୱାର୍ଥ ପାଇଁ ଯଶସ୍ୱୀ ଲେଖକମାନଙ୍କ ଅମରତ୍ୱ ପାଇଁ ପ୍ରାର୍ଥନା କରିବା ପରିବର୍ତ୍ତେ ସାହିତ୍ୟପ୍ରାଣମାନେ ଯେମିତି ଚାକିକି ବସିଥିଲେ କେତେବେଳେ ତାଙ୍କ ପ୍ରିୟ ଲେଖକ ମରିବେ ଆଉ ସେ ସାଙ୍ଗେ ସାଙ୍ଗେ ତାଙ୍କ ଉପରେ ସ୍ମୃତିଲେଖ ଲେଖିବେ । ସେ ଯାହାହେଉ, ସାମାଜିକ ଗଣ ମାଧ୍ୟମରେ ପାଳିତ ହେଉଥିବା ଏହି ଅଭିନବ ମୃତ୍ୟୁ ଉତ୍ସବ ଆଜି ପ୍ରମାଣ କରିଦେଲା ଯେ ଜୀବିତ ସାହିତ୍ୟିକ ଅପେକ୍ଷା ସ୍ୱର୍ଗତ ସାହିତ୍ୟିକ ହେବାରେ ଅଧିକ ଫାଇଦା ।

-ଖାନ୍ନଗର, କଟକ
ମୋ:୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ବଂଶୀବାଦକ

**ଡକ୍ଟର ନୃସିଂହ ଷଡଙ୍ଗୀ, ପ୍ରକାଶକ- ଓଡ଼ିଶା ବୁକ୍ ଷ୍ଟୋର ବିନୋଦ ବିହାରୀ, କଟକ-୨, ମୂଲ୍ୟ- ୧୫୦ଟଙ୍କା**





କୃଷ୍ଣଙ୍କ ଈଶ୍ୱରୀୟ ଲୀଳାର ଉର୍ଦ୍ଧ୍ୱରେ ତାଙ୍କର ମାନବୀୟ ଲୀଳା। ଯେଉଁଠି ରାଧା, ଗୋପୀ-ପ୍ରେମ ହିଁ ଏକ ମହତ୍ତର ସୋପାନକୁ ଛୁଇଁଛି। ବଂଶୀବାଦକରେ ତାଙ୍କର ମାନବୀୟ ଉତ୍ତରଣ ସିନା ବର୍ଣ୍ଣିତ ହୋଇଛି, କିନ୍ତୁ ଅବସୋସ ଯେ, ଏହା ପୂର୍ଣ୍ଣତା ପାଇନାହିଁ। କୃଷ୍ଣ ତାଙ୍କ ଈଶ୍ୱର ପଣରେ ହୋଇପାରନ୍ତି ଶକ୍ତିମାନ, କିନ୍ତୁ ପ୍ରେମିକ ପଣରେ ଅତ୍ୟନ୍ତ ନିରୀହ ଓ ନିଃସଙ୍ଗ। ବଂଶୀବାଦକ କୃଷ୍ଣ ମିଥ୍ ଆଶ୍ରିତ ପରି ମନେ ହେଉଥିଲେ ବି ତାଙ୍କର ପ୍ରତିଟି ପ୍ରେମ ଉନ୍ମାଦନା ଜଣେ ସାଧାରଣ ମଣିଷର ଜୈବିକ ଉନ୍ମାଦନାଠାରୁ କମ୍ ନୁହେଁ । ସେହିଯୋଗୁ କବି ଷଡ଼ଙ୍ଗୀ ଲେଖିଛନ୍ତି, ''ମୋ ଦେହକୁ ଡାର୍କିଦିଅ ଯେଉଁ ବସ୍ତ୍ର ଫେରାଇଛ ନୀଳନଈ କୂଳେ, ମୋ ବଂଶୀକୁ ଥୋଇଦିଅ ମୋ ପାଖରେ, ସୁର ଆଉ ତୁମରି ଓଠରେ । '' ବଂଶୀବାଦକର ଚରିତ୍ରାୟନରେ ସଂଘର୍ଷ, ଅନୁରାଗ, ବିରାଗ, ବିଚ୍ଛେଦ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ନିଃସଙ୍ଗତା, ନିରୀହତା, ଆତୁରତା ଭିତରେ କୃଷ୍ଣ ରାଧାଙ୍କ ପ୍ରେମର ସ୍ୱରୂପ ଅତ୍ୟନ୍ତ ପରିଚ୍ଛନ୍ନ। ପୁସ୍ତକର ଗୋଟିଏ ପଦରେ ୨୨ ବାକ୍ୟକୁ ନେଇ ଯତିପାତ ଧର୍ମୀ କବିତା ଅତ୍ୟନ୍ତ ଉଚ୍ଚକୋଟୀର । ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।

### ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା

**ଡକ୍ଟର ପ୍ରସନ୍ନ କୁମାର ନାୟକ, ପ୍ରକାଶକ-ଲିପିକା ନିଜିଗଡ କୁରୁଖି, ହରିରାଜପୁର, ଜଟଣୀ, ପୁରୀ, ମୂଲ୍ୟ- ୨୦୦ଟଙ୍କା**

'ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା' ଡକ୍ଟର ପ୍ରସନ୍ନ କୁମାର ନାୟକଙ୍କ ଆଲୋଚନା ପୁସ୍ତକ । ଏଥିରେ ୧୯ଟି ପ୍ରବନ୍ଧ ରହିଛି । ପ୍ରଥମରେ ଅନୁବାଦ ସାହିତ୍ୟ, ଦ୍ୱିତୀୟରେ ରାଧାନାଥ ସାହିତ୍ୟ ଆହରଣରେ ମୌଳିକତା ଓ ପୁରାତନରେ ନୂତନତା, ମାନସିଂହଙ୍କ ପ୍ରେମ କବିତାର ବୈଶିଷ୍ଟ୍ୟ, ନାଟ୍ୟକାର ମନୋରଞ୍ଜନ ଦାସ, ତିଗିରିଆ ରାଜ୍ୟ ଓ ପ୍ରସନ୍ନ ପୁରୁଷୋତ୍ତମ ଦେବଙ୍କ ମନ୍ଦିର ବିବରଣୀ, ଓଡ଼ିଆ ଭ୍ରମଣ କାହାଣୀର ଉନ୍ମେଷ ଓ ବିକାଶ, ମୁଦ୍ରଣ ତ୍ରୁଟି ସଂଶୋଧନ, ସଂକ୍ଷିପ୍ତିକରଣ, ଭିନ୍ନତା ମଧ୍ୟରେ ଏକତା- ଭାରତୀୟ ସଂସ୍କୃତି ଓ ଶେଷରେ କବୀର ମନାମ ନାନକ ବିଷୟରେ ପୁସ୍ତକରେ ଆଲୋଚନାମାନ ରହିଛି। ପୁସ୍ତକରେ ମୁଦ୍ରଣ ତ୍ରୁଟି ସଂଶୋଧନ, ସଂକ୍ଷିପ୍ତିକରଣ ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଷୟଟିରେ ସାମ୍ବାଦିକମାନଙ୍କ ଲାଗି ଯେଉଁ କେତେକ ପରାମର୍ଶ ଦିଆଯାଇଛି ତାହା ଅତ୍ୟନ୍ତ ଉଚ୍ଚକୋଟିର ଓ ପ୍ରଣିଧାନଯୋଗ୍ୟ । ଖବର ସମ୍ପାଦନାଠାରୁ ଆରମ୍ଭ କରି ତ୍ରୁଟି ସଂଶୋଧନ, ସହ ସମ୍ପାଦକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଆଦି ବିଷୟରେ ସୁନ୍ଦର ଭାବେ ବୁଝାଯାଇଛି । ଏହି ଆଲୋଚନା ପୁସ୍ତକଟି ସୁଖପାଠ୍ୟ ଓ ନିଶ୍ଚୟ ପାଠକଙ୍କ ଦ୍ୱାରା ଆଦୃତ ହେବ ।




# ଦାନ୍ତରେ ମାରନ୍ତି ତୀର

କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଯେ ସବୁ କିଛି ସମ୍ଭବ ହୋଇପାରେ ତାକୁ ପ୍ରମାଣ କରିଦେଖାଇଛନ୍ତି ଅଭିଷେକ ଥାଓ୍ୱରେ। ସିଏ ହେଉଛନ୍ତି ଭାରତର ପ୍ରଥମ ତୀରଚାଳକ ଯେକି, ହାତରେ ନୁହେଁ ବରଂ ଦାନ୍ତରେ ତୀର ଚଲାଇ ଭାରତ ପାଇଁ ଆଣିଛନ୍ତି ଅନେକ ଗୌରବ। ଅଭିଷେକଙ୍କୁ ଯେବେ ମାତ୍ର ୧ ବର୍ଷ ବୟସ ହୋଇଥିଲା ତାଙ୍କୁ ଜ୍ୱର ହୋଇଥିଲା। ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ ଭଲ ହେବା ପାଇଁ। ଜ୍ୱର ତ ଦୁଇ ଦିନ ପରେ ଭଲ ହୋଇଗଲା। ହେଲେ ଇଞ୍ଜେକ୍ସନର ପାର୍ଶ୍ୱପ୍ରତିକ୍ରିୟାରେ ତାଙ୍କର ଡାହାଣ ହାତ ପୋଲିଓଗ୍ରସ୍ତ ହୋଇଗଲା। ତଥାପି ସେ ହାର ମାନି ନ ଥିଲେ। ଖେଳିବାର ପ୍ରବଳ ଆଗ୍ରହ ହେତୁ ଅଷ୍ଟମ ଶ୍ରେଣୀ ପଢିବାବେଳେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ। ସାଧାରଣ ବର୍ଗରେ ଖେଳି ସେ ଇଣ୍ଟର ସ୍କୁଲ ନ୍ୟାଶନାଲ ଲେବଲ୍‌ର ଆଥଲେଟ୍ ହୋଇଗଲେ। ସ୍କୁଲ ସମୟରେ ସେ ୫ କି.ମି. , ୧୦ କି.ମି.ରେସ୍‌ରେ ଅନେକ ମେଡାଲ ଜିତିଛନ୍ତି। ୯ ବର୍ଷ ପର୍ଯ୍ୟନ୍ତ ସେ ପାରାଆଥଲେଟ୍ ହୋଇ ଖେଳି ଚାଲିଲେ। ତାଙ୍କ ଗୋଡ ତାଙ୍କ ପାଇଁ ସବୁକିଛି ଥିଲା। କିନ୍ତୁ ୨୦୧୦ ଅକ୍ଟୋବର ୨୬ରେ ଅଭ୍ୟାସ କରିବା ସମୟରେ



ଆଣ୍ଠୁରେ ଆଘାତ ଲାଗିଲା। ତାହା ଏତେ ଗଭୀର ଥିଲା ଯେ, ଅସ୍ତ୍ରୋପଚାର କରିବାକୁ ପଡିଲା। ଡାକ୍ତର ପରାମର୍ଶ ଦେଲେ ଆଉ ନ ଖେଳିବାକୁ। ପରେ ତାଙ୍କର ଜଣେ ସମ୍ପର୍କୀୟ ଭାଇ ତଥା ତୀରଚାଳକ ସନ୍ଦିପ ଗଓ୍ୱଇ ତାଙ୍କୁ ପରାମର୍ଶ ଦେଲେ ତୀର ଚଳାଇବା ପାଇଁ। ହେଲେ ପୋଲିଓଗ୍ରସ୍ତ ଡାହାଣ ହାତ ଓ କାନ୍ଧରେ ଏତେ ଶକ୍ତି ନ ଥିଲା ତୀର ଟାଣି ଚଳାଇବାକୁ। ଶେଷରେ ସେ ଏହି କାମ ଦାନ୍ତରେ କରିବାକୁ ନିଷ୍ପତ୍ତି ନେଲେ। ଅନେକ ଅଭ୍ୟାସ ପରେ ଦାନ୍ତରେ ତୀର ମାରିବାରେ ସେ ସଫଳ ହେଲେ। ଆଉ ପାଲଟିଲେ ଦାନ୍ତରେ ତୀର ଚାଳନା କରୁଥିବା ପ୍ରଥମ ଭାରତୀୟ। ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିବାର ଇଛା ସେ ରଖିଛନ୍ତି।






# କାଠଗଣ୍ଡିରେ କାରିଗରି

ରୋମାନିଆ, କ୍ରାଇଓଭାସ୍ଥ ୪୨ ବର୍ଷୀୟ ଗାବି ରିଜିଆ ଜଣେ ଅବସରପ୍ରାପ୍ତ ଫରେଷ୍ଟ ଇଞ୍ଜିନିୟର। ହେଲେ ସେ ନିଜର ସଉକକୁ ପୂରଣ କରିବାକୁ ଯାଇ ପାଲଟି ଯାଇଛନ୍ତି ଜଣେ କାଠ ଖୋଦେଇ କାରିଗର। ଏହି କାମରେ ସେ ଅନେକ ଲୋକପ୍ରିୟତା ବି ପାଇଲେଣି। ତାଙ୍କ କାଠ କାରିଗରିର ବିଶେଷତ୍ୱ ହେଉଛି ଯେ, ଗଛ କଟାଯିବା ପରେ ରହିଯାଇଥିବା ଅଦରକାରୀ କାଠ ଗଣ୍ଡିକୁ ଖୋଦେଇ କରି ସେ ତାକୁ ଦିଅନ୍ତି ନୂଆ ରୂପ। ଆଉ କେବଳ ଚେନ୍‌ସ’ ବା କରତକୁ ବ୍ୟବହାର କରି ସେ କେତେବେଳେ କାଠଗଣ୍ଡିକୁ ନାରୀର ରୂପ ଦିଅନ୍ତି ତ ଆଉ କେବେ କରିବସନ୍ତି କୌଣସି ଅଦ୍ଭୁତ ମଡର୍ଣ୍ଣ ଆର୍ଟ। ବର୍ତ୍ତମାନ ସେ ଏହି କାମରେ ଏତେ ଧୂରିଣ ହୋଇଗଲେଣି ଯେ, ସ୍ଥାନୀୟ ଅଞ୍ଚଳର ଅଧିକାରୀମାନେ ତାଙ୍କୁ ଅନୁମତି ଦେଇଛନ୍ତି ସେହି ଅଞ୍ଚଳର ବିଭିନ୍ନ ପାର୍କରେ ଅଦରକାରୀଭାବେ ବର୍ଷ ବର୍ଷ ଧରି ପଡି ରହିଥିବା ଗଛର ଗଣ୍ଡିରେ ନିଜ ହାତର ଜାଦୁଗରୀ ସ୍ପର୍ଶ ଦେଇ ତାକୁ ଚମତ୍କାର ରୂପ ଦେବା ପାଇଁ। ବହୁ ପୁରୁଣା ଗଛର ଗଣ୍ଡି ତଥା ନଷ୍ଟ ହେବାକୁ ବସିଥିବା ଗଣ୍ଡିରେ ତାଙ୍କୁ କାମ କରିବାକୁ ହୁଏ। ଶେଷରେ ସେ କାଠ ଗଣ୍ଡିକୁ ଯେଉଁ ରୂପ ଦିଅନ୍ତି ତାହା ପାଲଟିଯାଏ ଗୋଟେ ଗୋଟେ ମାଷ୍ଟରପିସ୍।

# ଖେଳଣା ଗାଡିରେ ପରଷା ଯାଏ ଖାଦ୍ୟ

ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ଅଜବ ଥିମ୍‌ର ରେଷ୍ଟୁରାଣ୍ଟ ଖୋଲା ଯାଉଛି। ତନ୍ମଧ୍ୟରୁ ଏହି ରେଷ୍ଟୁରାଣ୍ଟ ଅନ୍ୟତମ। ଲାଗେ ସତେ ଯେମିତି ଉକ୍ତ ରେଷ୍ଟୁରାଣ୍ଟ ପିଲାଙ୍କୁ ଆକୃଷ୍ଟ କରିବା ଲାଗି କରାଯାଇଛି। କାରଣ ଏଠାରେ ଖାଦ୍ୟ ପ୍ଲେଟ୍‌ରେ ନୁହେଁ ବରଂ ପରଷାଯାଏ ପ୍ଲାଷ୍ଟିକର ଖେଳଣା ଟ୍ରକ୍, କାର୍ ଆଦି ଉପରେ। ତା’ସହ ଏଠାକାର ଖାଦ୍ୟ ଯେମିତି ସ୍ୱାଦିଷ୍ଟ, ପରଷିବା ପଦ୍ଧତି ବି ସେମିତି ନିଆରା। ତେଣୁ ଗ୍ରାହକମାନେ ଏଠାକୁ ଆସିବାକୁ ବହୁତ ପସନ୍ଦ କରୁଛନ୍ତି। ଏହି ରେଷ୍ଟୁରାଣ୍ଟଟି ଅଛି ଦିଲ୍ଲୀରେ। ବର୍ଗର, ଫ୍ରେଞ୍ଚ ଫ୍ରାଇଜ୍‌ଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଖାଦ୍ୟ ଖୁବ୍ ସୁନ୍ଦରଭାବେ ଟ୍ରକ୍‌ର ଡାଲାରେ ରଖି ଗ୍ରାହକଙ୍କୁ ପରଷାଯାଏ। ଯାହାକୁ ଦେଖି ପିଲାମାନେ ବହୁତ ଖୁସି ହୁଅନ୍ତି।

